

ଭୁବନେଶ୍ୱର ସିଟି

# ନାଟକର ନାଁ 'ଅପହରଣ'

ଭୁବନେଶ୍ୱର, ୨୨।୬(ସମିସ): ଚଳଚ୍ଚିତ୍ରର ସଂଳାପ ଠାରୁ ବି କମ୍ ନୁହେଁ ଅପହରଣ ନାଟକ। ନିଜେ ଲେଖକ, ନିଜେ ଅଭିନେତା ଓ ନିଜେ ହିଁ ତୁଲାଉଛନ୍ତି ନିର୍ଦ୍ଦେଶନାର ଭାର। ଚଳଚ୍ଚିତ୍ରର କାହାଣୀ ଭଳି ନାଟକ ପ୍ରସ୍ତୁତ କରୁଛି ନିଜେ ଅପହୃତା। ରାଜଧାନୀରେ ଏବେ ଅପରାଧର ନୂଆ ନାଟକ ଚାଲିଛି। କେଉଁଠି କାହାକୁ ବଦନାମ କରିବାର ଷଡ଼ଯନ୍ତ୍ର ଆଉ କେଉଁଠି ପ୍ରେମ ପାଇଁ ଏ ନାଟକ ଲେଖାଯାଉଛି। ଏତିକି ନୁହେଁ, ମୁଣ୍ଡଜାମିନ୍ ବାବଦରେ ଟଙ୍କା ହଡ଼ପ ଲାଗି ସବୁପ୍ରକାରର ମସୁଧା ଚାଲୁଛି। କିନ୍ତୁ ଧରାପଡ଼ିବା ପରେ ଏମିତି କାହାଣୀ ଶୁଣାଉଛନ୍ତି, ପୁଲିସ ବି ଅଡୁଆରେ ପଡ଼ିଯାଉଛି। ଅପହରଣ ଦଫା ଲଗାଇ ପୁଲିସ ତଦନ୍ତ ଆରମ୍ଭ କରିବା ବେଳକୁ ଘଟଣା ପଦାକୁ ଆସୁଛି।

## ମିଛ କହିଲେ ଲାଗିବ ଆଇପିସି ଧାରା '୨୧୧'

ଦୁଇବର୍ଷରେ ରାଜଧାନୀରେ ୨୦ରୁ ଅଧିକ ମିଛ ଅପହରଣ ନାଟକର ଅଭିଯୋଗ ରହିଛି। ମିଛ ଅପହରଣ ନାଟକ ରଚି ଖସିବାକୁ ଚଳାଉଛନ୍ତି ଉଦ୍ୟମ। ଅଭିଯୋଗକାରୀ ମିଛ ଅପରାଧର ନାଟକ ରଚି ଥାନାରେ ଅଭିଯୋଗ କଲେ ପୁଲିସ ତାଙ୍କ ବିରୋଧରେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ନେବାର ପ୍ରାବଧାନ ରହିଛି। ଆଇପିସି ୨୧୧ ଧାରା ଅନୁସାରେ ମିଛ ଅଭିଯୋଗ କରିଥିବା ବ୍ୟକ୍ତିଙ୍କ ବିରୋଧରେ ମାମଲା କରି ଜେଲ୍ ପଠାଇ ପାରିବ ପୁଲିସ। ମିଛ ଅପରାଧ ନାଟକ ରଚିଥିବା ବ୍ୟକ୍ତିଙ୍କୁ କୋର୍ଟରେ ଦୁଇବର୍ଷ ଜେଲଦଣ୍ଡ ସହ ଜରିମାନାର ବ୍ୟବସ୍ଥା ରହିଛି। ଯଦି ଏଭଳି ମିଛ ଅପରାଧ ନାଟକ ଯୋଗୁଁ କାହାର ମୃତ୍ୟୁ ହୁଏ, ମିଛ ଅଭିଯୋଗକାରୀଙ୍କୁ ଆଜୀବନ ଦଣ୍ଡ ମିଳିବାର ଆଇପିସିରେ ଉଲ୍ଲେଖ ରହିଛି। ତଥାପି ଡର ନାହିଁ; ଗୋଟିଏରେ ଗୋଟିଏ ମିଛ ଅପହରଣ ଅଭିଯୋଗ ତାଲିକାରେ ଯୋଡ଼ି ହୋଇଚାଲିଛି। ଏପରି ମାମଲାର ତଦନ୍ତ ପାଇଁ ପୁଲିସର ସମୟ ନଷ୍ଟ ହେବା ସହ ସାଧାରଣ ଲୋକ ଫସି ଅଯଥାରେ ହଇରାଣ ହେଉଛନ୍ତି।

### ନିଜେ ଲେଖକ, ଅଭିନେତା ଓ ନିର୍ଦ୍ଦେଶକ
### କେଉଁଠି ପ୍ରେମ ତ ଆଉ କେଉଁଠି ବଦ୍‌ନାମ



### ଘଟିଥିବା କିଛି ଘଟଣା...

- ନିକଟରେ ଚନ୍ଦକା ଥାନା ଅଞ୍ଚଳ ସ୍ମୃତିରେଖା ପାଣି ତାଙ୍କ ଭାଇ ଠାରୁ ଟଙ୍କା ଲୁଟିବାକୁ ଅପହରଣ ନାଟକ ରଚିଥିଲେ। ରାଜସ୍ଥାନର ପ୍ରେମିକ ସହ ମିଶି ଅପହରଣ ନାଟକ ରଚି ନିଜ ମୁଣ୍ଡଜାମିନ୍ ଲାଗି କୋଟିଏ ଟଙ୍କା ମାଗିଥିଲା। ଭାଇ ବି ଭଉଣୀକୁ ବଞ୍ଚାଇବା ଲାଗି ୧୨ ଲକ୍ଷ ଦେଇଥିଲା। କିନ୍ତୁ ଶେଷରେ ପ୍ରେମିକ, ସହଯୋଗୀ ସହ ନାଟକ ରଚିଥିବା ସ୍ମୃତିରେଖାକୁ ନୟାଗଡ଼ରୁ ଉଦ୍ଧାର କରାଯାଇଥିଲା। ପରେ ଅପହରଣ ନାଟକ ରଚିଥିବା ସ୍ମୃତିରେଖା ସମେତ ଦୁଇ ଅପହରଣକାରୀଙ୍କୁ ପୁଲିସ ଗିରଫ କରିଥିଲା।
- ୧୧ ମାସର ଶିଶୁପୁତ୍ରକୁ ଅପହରଣ ନାଟକ ରଚାଯାଇଥିଲା। ବାପା ହିଁ ଅପହରଣ ପଛର ଖଳନାୟକ ସାଜି ପୁଅକୁ ଅନ୍ୟ ଜଣକୁ ଦେଇଥିଲା। ତ୍ରିକୋଣୀୟ ପ୍ରେମକୁ କେନ୍ଦ୍ରକରି ମହିଳାଙ୍କ ଦୁଇ ସ୍ୱାମୀ ହିଁ ଏହି ନାଟକ ରଚିଥିଲେ। ଶେଷରେ ପୁଲିସ ଶିଶୁପୁତ୍ରକୁ କଟକରୁ ଉଦ୍ଧାର କରିବା ସହ ଏଥିରେ ସମ୍ପୃକ୍ତି ରହିଥିବା ୪ ଜଣଙ୍କୁ ଗିରଫ କରିଥିଲା।
- ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଜଣେ ଇଞ୍ଜିନିୟରିଂ ଛାତ୍ର ବାପା ଠାରୁ ଟଙ୍କା ନେଇ ମଉଜ କରିବାକୁ ପୁଅ ନିଜେ ରଚିଥିଲା ଅପହରଣର ନାଟକ। ବାପାକୁ ମୁଣ୍ଡଜାମିନ୍ ବାବଦରେ ଫୋନ୍ କରି ମାଗିଥିଲା ଅଢ଼େଇ ଲକ୍ଷ। ନିଜ ସହପାଠୀର ଫୋନ୍‌ରୁ ବାପାକୁ ଧମକ ଦେଇ ଟଙ୍କା ଆଦାୟ ଯୋଜନା କରିଥିଲା। ପୁଲିସ ଛାତ୍ରଙ୍କୁ ଉଦ୍ଧାର କରିବା ପରେ ପଦାକୁ ଆସିଥିଲା ସତ।
- ଚନ୍ଦକା ଥାନା ଅଞ୍ଚଳର ଦୁଇ ଛାତ୍ର ସୋନୁ କୁମାର ଓ ପୃଥ୍ୱୀରାଜ ପ୍ରଧାନଙ୍କୁ ନିଶା ଦେଇ ଅପହରଣ କରାଯାଇଥିବା ନେଇ ଅଭିଯୋଗ ହୋଇଥିଲା। ଗାଡ଼ି ଖରାପ ହେବାରୁ ଅପହରଣକାରୀଙ୍କ କବଳରୁ ଖସି ଆସି ଟିଟିଲାଗଡ଼ ଥାନାରେ ପହଞ୍ଚିଥିଲେ। ମାତ୍ର ତଦନ୍ତରୁ ସେମାନେ ନିଜ ଇଚ୍ଛାରେ ବୁଲିବାକୁ ଯାଇଥିଲେ।
- ଟଙ୍କପାଣି ରୋଡରୁ ଜଣେ ନାବାଳକ ପ୍ରେମରେ ବିଫଳ ହେବା ସହ ପ୍ରେମିକାର ଦ୍ୱିତୀୟ ପ୍ରେମିକକୁ ବଦ୍‌ନାମ କରିବା ଲାଗି ଏଭଳି ନାଟକ ରଚିଥିଲା। ପ୍ରେମିକାର ସହାନୁଭୂତି ସାଉଁଟିବା ଆଶାରେ ନାବାଳକ ଏଭଳି କାଣ୍ଡ କରିଥିଲା। ମୋବାଇଲ୍ ଫୋନ୍‌କୁ ଟ୍ରାକିଂ କରି ଖୋର୍ଦ୍ଧା ଜଙ୍କିଆରୁ ନାବାଳକକୁ ଠାବ କରିଥିଲା ଶ୍ରୀଲିଙ୍ଗରାଜ ଥାନା ପୁଲିସ।
- ଇନ୍‌ଫୋସିଟି ଥାନା ଅଧୀନ ଏକ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନରେ ପଢୁଥିବା ଜଣେ ଛାତ୍ରଙ୍କୁ କିଛି ବ୍ୟକ୍ତି ନିଶା ଦେଇ କାର୍‌ରେ ଉଠାଇ ନେଇଥିଲେ। ନିଶା ଛାଡ଼ିଲା ବେଳକୁ ସେ ପୁରୀର ସି-ବିଚ୍ ଥାନା ନିକଟରେ ଥିଲେ। ସେଠାରୁ କୌଶଳକ୍ରମେ ସେ ଖସି ସି-ବିଚ୍ ଥାନାରେ ପହଞ୍ଚିଥିଲି ବୋଲି ନାବାଳକ ଛାତ୍ର ଇନ୍‌ଫୋସିଟି ଥାନାରେ ଅଭିଯୋଗ କରିଥିଲେ। ତଦନ୍ତ ବେଳେ ଛାତ୍ରଜଣକ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନକୁ ବଦ୍‌ନାମ କରିବା ଲାଗି ଅପହରଣ ଏକ ନାଟକ କାହାଣୀ ରଚିଥିଲେ।
- ଚନ୍ଦ୍ରଶେଖପୁରର ଏକ ଘରୋଇ କଲେଜରୁ ଯୁକ୍ତ ଦୁଇ ଛାତ୍ର ହୃଦେଶ ପଣ୍ଡା ୯୫ ହଜାର ବକେୟା ଟଙ୍କା ଦେଇପାରି ଏକ ଅପହରଣ ନାଟକ ରଚିଥିଲେ। ଛାତ୍ରର ବାପା ବକେୟା ଟଙ୍କା ନ ଦେବାରୁ ଏପରି ନାଟକ ରଚିଥିଲେ। ହୃଦେଶକୁ ପରବର୍ତ୍ତୀ ସମୟରେ ନିଜ ଘରୁ ଉଦ୍ଧାର କରିଥିଲା ପୁଲିସ।
- ବ୍ୟବସାୟ ଲାଗି ଆଣିଥିବା ଧାର୍ ଟଙ୍କାକୁ ନ ଶୁଝିବା ଲାଗି ଇନ୍‌ଫୋସିଟି ଥାନା ଅଞ୍ଚଳର ବ୍ୟବସାୟୀ ଦୀପକ ସ୍ୱାମୀ ଏକ ଅପହରଣ ଷଡ଼ଯନ୍ତ୍ର ନିଜେ ରଚିଥିଲେ। ବ୍ୟବସାୟୀଙ୍କ ଶତ୍ରୁତାକୁ ନେଇ ଦୀପକଙ୍କ ବନ୍ଧୁକ ମୁନରେ ବାରଙ୍ଗ ଦେଇ ଆଠଗଡ଼କୁ ଉଠାଇ ନେଇଥିଲେ ବୋଲି ସେ ଅଭିଯୋଗ କରିଥଲେ। ଯାହା ପୁଲିସ ତଦନ୍ତ ପରେ ପଦାକୁ ଆସିଥିଲା।
- ଧଉଳି ଥାନା ଅଞ୍ଚଳର ଡେଲିଭରୀ ବଏ ପତିତପାବନ ପୃଷ୍ଟି ଗୋପ ଅଞ୍ଚଳର ଜଣେ ଯୁବତୀଙ୍କୁ ନେଇ ମଧ୍ୟପ୍ରଦେଶ ପଳାଇଥିଲେ। ପରିବାର ଲୋକଙ୍କ କବଳରୁ ବର୍ତ୍ତିବା ପାଇଁ ରଚିଥିଲେ ମିଛ ଅପହରଣ ନାଟକ। ସେ ପ୍ରଥମେ ତାର ସ୍ତ୍ରୀକୁ ଫୋନ୍ କରି ତାଙ୍କ ବେକରେ କେହି ଛୁରି ଦେଖାଇ ଗାଡ଼ିରେ କୁଆଡ଼େ ନେଇଯାଉଥିବା କହି ଫୋନ୍ ବନ୍ଦକରି ଦେଇଥିଲେ। ସେଇ ସ୍ଥାନରେ ଛୁରି ଓ ଚପଲ ସନ୍ଦେହ ଆହୁରି ଦୃଢ଼ିଭୂତ ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ସତ୍ୟ ପଦାକୁ ଆସିଥିଲା।
- ଖଣ୍ଡଗିରି ଥାନରେ ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ ଫସାଇବା ପାଇଁ ଜଣେ ଯୁବତୀ ମିଛ ଦୁଷ୍କର୍ମ ନାଟକ ରଚିଥିଲେ। ପୁଲିସ ଯୁବତୀଙ୍କୁ ଡାକ୍ତରୀମାଇନା ଏବଂ ସିଡିଆର ରିପୋର୍ଟ ମଗାଇବା ପରେ ତାଙ୍କ ମିଛ ଧରାପଡ଼ିଥିଲା।
- ପତ୍ନୀକୁ ଘରେ ଲୁଚାଇ ରଖିଥିବା ଟଙ୍କା ଧରି ପଳାଇ ଆସିଥିଲେ ରେଣ୍ଟାଲରେ ରହୁଥିବା କୃଷ୍ଣ ନାୟକ। ସେ ଏହି ଟଙ୍କାରେ ମଦ ପିଇବା ସହ ଅନ୍ୟାନ୍ୟ ଖର୍ଚ୍ଚ କରି ଦେଇଥିଲେ। ପତ୍ନୀର ଗାଳିଗୁଲଜ ଠାରୁ ବର୍ତ୍ତିବା ପାଇଁ କୃଷ୍ଣ ମିଛ ଲୁଟ୍ ନାଟକ କରିଥିଲେ।

## ୫ ଲକ୍ଷର ବ୍ରାଉନ୍‌ସୁଗର୍ ଜବତ; ଜଣେ ଗିରଫ



ଭୁବନେଶ୍ୱର, ୨୨।୬ (ସମିସ): ବେଆଇନ ବ୍ରାଉନ୍‌ସୁଗର୍ କାରବାର କରୁଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଅବକାରୀ ସ୍କ୍ୱାଡ୍। ଗିରଫ ଅଭିଯୁକ୍ତ ହେଉଛି ବରମୁଣ୍ଡା ମହିମା ମିଶ୍ର ଲେନ୍‌ର ପ୍ରଫୁଲ୍ଲ ବେହେରା (୩୯)। ସୂଚନା ଅନୁସାରେ, ମୈତ୍ରୀ ବିହାର ଥାନା ଜାଭିୟର ଛକ ଅଞ୍ଚଳରେ ବ୍ରାଉନ୍‌ସୁଗର୍ କାରବାର ଚାଲିଥିବା ନେଇ ଅବକାରୀ ସ୍କ୍ୱାଡ୍ ୨ ଖବର ପାଇଥିଲା। ସ୍କ୍ୱାଡ୍‌ର ଏକ ଟିମ୍ ସେଠାରେ ଚଢ଼ଉ କରି ଅଭିଯୁକ୍ତ ପ୍ରଫୁଲ୍ଲକୁ ଗିରଫ କରିଥିଲା। ତା' ଠାରୁ ୫୨ ଗ୍ରାମ ଓଜନର ବ୍ରାଉନ୍‌ସୁଗର୍ ଜବତ କରିଥିଲା। ଜବତ ବ୍ରାଉନ୍‌ସୁଗର୍‌ର ମୂଲ୍ୟ ୫ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଜଣାପଡ଼ିଛି।

## ମହିଳାଙ୍କୁ ଦୁର୍ବ୍ୟବହାର ଓ ଆକ୍ରମଣ; ଜଣେ ଗିରଫ



ଭୁବନେଶ୍ୱର, ୨୨।୬(ସମିସ): ଘରେ ପଶି ମହିଳାଙ୍କୁ ଦୁର୍ବ୍ୟବହାର ଓ ଆକ୍ରମଣ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଲକ୍ଷ୍ମୀସାଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଚିନ୍ତାମଣିଶ୍ୱରର ରବୀନ୍ଦ୍ର ପ୍ରତାପସିଂହ ଓରଫ୍ ଲଣ୍ଡା (୪୯)। ପୁଲିସ ସୂଚନା ଅନୁସାରେ, ଗତ ଜାନୁୟାରୀ ୧ ତାରିଖ ଦିନ ମହିଳା ଜଣଙ୍କ ନିଜ ଘରେ ଥିବା ସମୟରେ ଲଣ୍ଡା ଓ ତା'ର ତିନି ସହଯୋଗୀ ମାରଣାସ୍ତ୍ର ସହ ତାଙ୍କ ଘରେ ପଶି ଗାଳିଗୁଲଜ କରିବା ସହିତ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ମାତ୍ର ମହିଳା ଜଣକ ଘଟଣାସ୍ଥଳରୁ କୌଶଳକ୍ରମେ ଖସି ପଳାଇଯାଇଥିଲେ। ହେଲେ ଘରେ ଉପସ୍ଥିତ ଥିବା ପୀଡ଼ିତାଙ୍କ ଭଉଣୀମାନେ ଏହାର ବିରୋଧ କରିବାରୁ ଅଭିଯୁକ୍ତମାନେ ସେମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହିତ ଏକ କାଠଫାଳିଆରେ ଆକ୍ରମଣ କରିଥିଲେ। ପରେ ସେମାନଙ୍କୁ ଜୀବନରୁ ମାରିଦେବାର ଧମକ ଦେଇ ତିନି ଅଭିଯୁକ୍ତ ଘରର କବାଟ ଭାଙ୍ଗି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏ ନେଇ ପୀଡ଼ିତା ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରିଥିଲା। ଘଟଣା ଦିନଠାରୁ ସମସ୍ତ ଅଭିଯୁକ୍ତ ଫେରାର ଥିଲେ। ଶନିବାର ଲଣ୍ଡା ତା' ଘରେ ଥିବା ଖବରପାଇ ପୁଲିସ ତାକୁ ଗିରଫ କରିଥିଲା। ତଦନ୍ତ ପରେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି ପୁଲିସ।

## କାଠ ଫାଳିଆରେ ଆକ୍ରମଣ; ବାପପୁଅ ଗିରଫ





ଭୁବନେଶ୍ୱର, ୨୨।୬ (ସମିସ): ଯୁବକଙ୍କୁ କାଠ ଫାଳିଆରେ ଆକ୍ରମଣ କରିଥିବା ଅଭିଯୋଗରେ ବାପପୁଅଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଶ୍ରୀ ଲିଙ୍ଗରାଜ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ତିନିମୁଣ୍ଡିଆ ଛକ ଅଞ୍ଚଳରେ ରହୁଥିବା ନୟାଗଡ଼ ଜିଲ୍ଲା ବଡ଼ ଭୂଇଁର ଅଚ୍ୟୁତ ପରିଡ଼ା ଓରଫ୍ ପପୁ (୫୦) ଓ ତାଙ୍କ ପୁଅ ପ୍ରତାପ ପରିଡ଼ା (୨୦)। ପୁଲିସ ସୂଚନା ଅନୁସାରେ, ଗତ ୧୯ ତାରିଖ ଦିନ ପପୁ ଓ ପପୁନା ବେହେରାଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ପପୁନା କାଠ ଫାଳିଆରେ ପପୁଙ୍କୁ ଆକ୍ରମଣ କରିଥିଲେ। ସ୍ଥାନୀୟ ବାସିନ୍ଦାଙ୍କ ଦ୍ୱାରା ଏହି ଘଟଣାର ସମାଧାନ କରାଯାଇଥିଲା। ଗତ ୨୧ ତାରିଖ ସନ୍ଧ୍ୟା ସମୟରେ ପପୁନା ଶ୍ରୀ ଲିଙ୍ଗରାଜ ମନ୍ଦିରକୁ ଯାଉଥିବା ସମୟରେ ପପୁ ଓ ପୁଅ ପ୍ରତାପ ବାସୁଦେବ ମନ୍ଦିର ନିକଟରେ ତାଙ୍କୁ ଅଟକାଇ ଗାଳିଗୁଲଜ କରିଥିଲେ। ଏଥିସହିତ କାଠ ଫାଳିଆରେ ତାଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣ ଫଳରେ ପପୁନାଙ୍କ ଦୁଇ ହାତ ଓ ମୁଣ୍ଡରୁ ରକ୍ତସ୍ରାବ ହୋଇଥିଲା। ଘଟଣାସ୍ଥଳରେ ଥିବା ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏନେଇ ପପୁନା ଶ୍ରୀ ଲିଙ୍ଗରାଜ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିଲା। ଶନିବାର ପପୁ ଓ ପୁଅ ପ୍ରତାପଙ୍କୁ ଗିରଫ କରିବା ସହିତ ଆକ୍ରମଣରେ ବ୍ୟବହୃତ ଦୁଇ କାଠ ଫାଳିଆକୁ ଜବତ କରିଥିଲା ପୁଲିସ।

## କାର୍ କାଚ ଭାଙ୍ଗି ୨ ଲକ୍ଷ ଲୁଟ୍

ଭୁବନେଶ୍ୱର, ୨୨।୬(ସମିସ): ମଞ୍ଚେଶ୍ୱର ଥାନା ରସୁଲଗଡ଼ ଆଇସିଆଇସିଆଇ ବ୍ୟାଙ୍କ୍ ସମୁଖରେ ପାର୍କି ହୋଇଥିବା ଏକ କାର୍‌ର କାଚ ଭାଙ୍ଗି ଏରୋଗୋଲା ଗ୍ୟାଙ୍ଗ୍‌ର ସଦସ୍ୟମାନେ ୨ଲକ୍ଷ ୩୪ ହଜାର ଟଙ୍କା, ସୁନା ଏବଂ ଲାପ୍‌ଟପ ଚୋରି କରନ୍ତି। ଲୁଟ୍‌ର ଶିକାର ହୋଇଥିବା ଝାରପଡ଼ାର ସୁଜିତ୍ କୁମାର ଧଳ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁକରି ତଦନ୍ତ କରୁଛି। ଲୁଟ୍ ହୋଇଥିବା ସ୍ଥାନରୁ ସିସିଟିଭି ଫୁଟେଜକୁ ଯାଞ୍ଚ କରୁଛି ପୁଲିସ। ଅଭିଯୋଗ ଅନୁସାରେ, ସୁଜିତ ପାହାଳ ନିକଟରେ ଏକ ସଂସ୍ଥାରେ କାମ କରନ୍ତି। ସେ କମ୍ପାନୀର ୨ଲକ୍ଷ ୩୪ ହଜାର ଟଙ୍କା ନେଇ ବ୍ୟାଙ୍କକୁ ଜମା କରିବାକୁ ଆସିଥିଲେ। ହେଲେ ରସୁଲଗଡ଼ ଆଇସିଆଇସିଆଇ ବ୍ୟାଙ୍କ ନିକଟରେ ଗାଡ଼ି ପାର୍କି କରି ସାଙ୍ଗ ସହ କଥା ହେଉଥିଲେ। ଏହି ସମୟରେ କେହି ଦୁର୍ବୃତ୍ତ ଆସି କାର୍ କାଚ ଭାଙ୍ଗି ଟଙ୍କା ଥିବା ବ୍ୟାଗକୁ ଲୁଟି ନେଇଥିଲେ। କଥା ହୋଇ ଆସିବା ପରେ କାର୍‌ରୁ ଟଙ୍କା ନେଇଥିବା ଦେଖି ପୁଲିସକୁ ଜଣାଇଥିଲେ।

## ୫ ମୋବାଇଲ୍ ଜବତ; ବଙ୍ଗୀୟ ଯୁବକ ଗିରଫ



ଭୁବନେଶ୍ୱର, ୨୨।୬(ସମିସ): ମୋବାଇଲ ଚୋରି ଓ ଚୋରା ମୋବାଇଲ ବିକ୍ରି କରୁଥିବା ଅଭିଯୋଗରେ ଜଣେ ବଙ୍ଗୀୟ ଚୋରକୁ ଗିରଫ କରି କୋର୍ଟ ଚାଲାଣ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ପଶ୍ଚିମବଙ୍ଗ ବର୍ଦ୍ଧମାନ ଜିଲ୍ଲା ଆସାନସୋଲର ସୁରଜ ପାସମାନ (୨୩)। ପୁଲିସ ସୂଚନା ଅନୁସାରେ, ନୂଆପଲ୍ଲୀ ଥାନା ପୁଲିସର ଏକ ଟିମ୍ ରେଣ୍ଟାଲ କଲୋନୀ ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ସମୟରେ ଚୋରା ମୋବାଇଲ ବିକ୍ରି ହେଉଥିବା ନେଇ ଖବର ପାଇଥିଲା। ପୁଲିସ ଟିମ୍ ମଇଳା ଟାଙ୍କି ଛକ ନିକଟରେ ଚଢ଼ଉ କରିଥିଲା। ଏହି ସମୟରେ ସୁରଜ କମ୍ ଦାମରେ ଚୋରା ମୋବାଇଲ ବିକ୍ରି କରିବା ଲାଗି ଗ୍ରାହକ ଯୋଗାଡ଼ କରୁଥିବାବେଳେ ତାକୁ କାବୁ କରିଥିଲା। ତଲାସି ବେଳେ ତା' ନିକଟରୁ ୫ଟି ଦାମୀ ଚୋରା ମୋବାଇଲ ଫୋନ୍ ଜବତ କରିଥିଲା। ସେ ରାଜଧାନୀର ବିଭିନ୍ନ ଅଞ୍ଚଳରୁ ଏହି ମୋବାଇଲଗୁଡ଼ିକ ଚୋରି କରି ଆଣିଥିବା ପୁଲିସ ଆଗରେ ସ୍ୱୀକାର କରିଥିଲା।

## ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

ଭୁବନେଶ୍ୱର, ୨୨।୬(ସମିସ): ଭାଇଙ୍କ ଅଚାନକ ମୃତ୍ୟୁ ଖବର ପାଇ ଗାଁକୁ ଯାଇଥିଲେ। ଘରେ କେହି ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଘରୁ କଳାକନା ବୁଲାଇଲେ। ଏହି ଘଟଣା ନୂଆପଲ୍ଲୀ ଥାନା ଗଡ଼ସାହିରେ ଦେଖିବାକୁ ମିଳିଛି। ଏନେଇ ଥାନାରେ ସୁଷମା ଜେନା ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁକରି ତଦନ୍ତ କରୁଛି। ଏହି ଚୋରି ପଛରେ ତାଙ୍କ ସମ୍ପର୍କୀୟଙ୍କ ହାତ ଥିବା ସେ ଅଭିଯୋଗ କରିଛନ୍ତି। ପୁଲିସ ଏହି ଆଧାରରେ ସମ୍ପର୍କୀୟମାନଙ୍କୁ ପଚରାଉଚରା କରୁଛି। ଅଭିଯୋଗ ଆଧାରରେ, ସୁଷମାଙ୍କ ଭାଇଙ୍କ ଅଚାନକ ମୃତ୍ୟୁ ଘଟିବା ପରେ ସେ ଗାଁକୁ ଯାଇଥିଲେ। ସେ ଘରକୁ ଫେରିବା ପରେ ଦେଖିବା ପରେ ତାଙ୍କୁ ସୁନା ଅଳଙ୍କାର ସବୁ ଚୋରି ହୋଇଥିଲା। ଏନେଇ ଥାନାରେ ସେ ଅଭିଯୋଗ କରିଥିଲେ ମଧ୍ୟ ପୁଲିସ ଶୁଣି ନ ଥିଲା। ଶେଷରେ ଗତ ୮ ମାସ ପରେ ତାଙ୍କ ଝିଆରି ତାଙ୍କ ଘରକୁ ବୁଲିବାକୁ ଆସିଥିଲେ। ସେ ତାଙ୍କ ହାତରେ ଚୋରି ହୋଇଥିବା ମୁଦୀ ଦେଖିଥିଲେ। ଝିଆରୀଙ୍କ ଅଜାଣତରେ ତାଙ୍କ ବ୍ୟାଗ୍ ଯାଞ୍ଚ କରିବା ପରେ ସେଥିରୁ ଚୋରି ହୋଇଥିବା ଆଉ କିଛି ସୁନା ଦେଖିବାକୁ ପାଇଥିଲେ। ଏନେଇ ତାଙ୍କୁ ପଚାରିଥିଲେ ମଧ୍ୟ ସେ କିଛି କହି ନ ଥିଲେ। ଶେଷରେ ସୁଷମା ଏନେଇ ଥାନାରେ ଅଭିଯୋଗ କରିଛନ୍ତି।

ସାରାଦେଶରେ ଠକେଇ

# ଭୁବନେଶ୍ୱରରୁ ଅପରେଟ୍



ଭୁବନେଶ୍ୱର, ୨୨।୬(ସମିସ): ସାଇବର୍ ଅପରାଧ ବଢ଼ିବା ପଛରେ ବେନାମୀ ସିମ୍ ବା ପ୍ରି-ଆକ୍ଟିଭେଟେଡ୍ ସିମ୍ ରହିଛି। ଓଡ଼ିଶା ବିଭିନ୍ନ ସ୍ଥାନରୁ ବେନାମୀ ସିମ୍‌ଗୁଡିକୁ ଶତ୍ରୁଦେଶର ଗୁଇନ୍ଦା ଏଜେଣ୍ଟଙ୍କୁ ସିମ୍ କାର୍ଡ କିମ୍ବା ଓଟିପି ବିକ୍ରି କରୁଛନ୍ତି। ଟେଲିକମ୍ ସଂସ୍ଥାର କର୍ମଚାରୀଙ୍କୁ ହାତ କରି ଓଡ଼ିଶାର ଯୁବକମାନେ ବେନାମୀ ସିମ୍ ହାତଉଛନ୍ତି। ପରେ ବେନାମୀ ସିମ୍ ନେଇ ଏଜେଣ୍ଟ କିମ୍ବା ସିଧା ସାଇବର ଅପରାଧୀଙ୍କୁ ବିକ୍ରି କରି ସାମ୍ରାଜ୍ୟ ଚଳାଇଛନ୍ତି। ଓଡ଼ିଶା ଓ କୋଲକାତାର ଆକାଉଣ୍ଟଧାରୀ ଡାଟାବେସ୍ କିଣି ଭୁବନେଶ୍ୱରର ସହ ସାରାଦେଶରୁ ଅପରେଟ୍ କରୁଛନ୍ତି। ସେଭଳି ସିମ୍ କାରବାର ନୁହେଁ, ଓଟିପି ସେୟାରିଂ ବିକ୍ରି କରିବା ଭଳି ଘଟଣା ପଦାକୁ ଆସିଲାଣି। ଓଡ଼ିଶାର କିଛି ସନ୍ଦିଗ୍ଧ ଗ୍ରୁପ୍‌ରେ ଟଙ୍କା ଓଟିପି ସେୟାରିଂ କଲେ ସିଧା ପାକିସ୍ତାନକୁ ନକଲି ଆକାଉଣ୍ଟ ଖୋଲିଯାଉଛି।

ଓଡ଼ିଶାର ଯୁବକମାନେ ବିଭିନ୍ନ ବ୍ୟକ୍ତିଙ୍କ ନାଁରେ ସିମ୍‌କୁ ଆକ୍ଟିଭେସନ୍ କରୁଛନ୍ତି। ଉକ୍ତ ବେନାମୀ ସିମ୍‌କୁ ନେଇ ମ୍ୟୁଲ୍ ଆକାଉଣ୍ଟ ଖୋଲିବାରେ ବ୍ୟବହାର କରୁଛନ୍ତି। ସିମ୍‌ଗୁଡିକୁ ଅନ୍ୟ ବ୍ୟକ୍ତିଙ୍କ ନାଁରେ ଆକ୍ଟିଭେସନ୍ କରି ଦିଲ୍ଲୀ,

### ସାଇବର୍ ଠକଙ୍କୁ ବଳ ଯୋଗାଉଛନ୍ତି ଓଡ଼ିଆ ଯୁବକ
### ୫୦ ଟଙ୍କାରେ ସିମ୍ କିଣି ଲୁଟୁଛନ୍ତି କୋଟି କୋଟି ଟଙ୍କା

ବିହାର, ଝାଡ଼ଖଣ୍ଡ, ଉତ୍ତରପ୍ରଦେଶ, ରାଜସ୍ଥାନ, ମୁମ୍ବାଇ ଭଳି ରାଜ୍ୟରେ ଥିବା ଅପରାଧୀଙ୍କୁ ସଦସ୍ୟଙ୍କୁ ସ୍ୱଳ୍ପମୂଲ୍ୟରେ ବିକ୍ରି କରିଦିଅନ୍ତି। ସିମ୍‌ଗୁଡିକୁ ୪୦ରୁ ୫୦ ଟଙ୍କାରେ ରାଜ୍ୟ ବାହାର ଠକଙ୍କୁ ବିକ୍ରି କରିଦେଉଛନ୍ତି। ଏହାପରେ ଉକ୍ତ ସିମ୍‌ଗୁଡିକୁ ଠକ ବ୍ୟବହାର କରି ସାଧାରଣଲୋକଙ୍କ ଠାରୁ କୋଟି କୋଟି ଟଙ୍କା ଲୁଟି ନେଉଛନ୍ତି। ଓଡିଆ ଯୁବକମାନେ ଠକେଇର ମୁଖ୍ୟସୂତ୍ର ସାଜିଛନ୍ତି। ସେମାନେ ଠକଙ୍କ ହାତକୁ କୋଟି କୋଟି ଟଙ୍କା ଟେକି ଦେଉଛନ୍ତି। ଡିଜିଟାଲ ଗିରଫ ଆଳରେ ଟଙ୍କା ଲୁଟୁଥିବା ୫ଜଣଙ୍କୁ ଗିରଫ କରାଯାଇଥିଲା। ଅଭିଯୁକ୍ତଙ୍କ ଘର ଆନ୍ଧ୍ରପ୍ରଦେଶ, ତ୍ରିପୁରା ଓ ଆସାମର। କିନ୍ତୁ ଓଡ଼ିଶାର ଯୁବକମାନେ ଏହି ଅଭିଯୁକ୍ତଙ୍କୁ ସିମ୍ ସହ ନକଲି ଆକାଉଣ୍ଟ ଦେଇଥିବାର ପ୍ରମାଣ ମିଳିଥିଲା।

### ୩ ଦିନିଆ ରିମାଣ୍ଡ ପାଇଁ ଆବେଦନ

ରାଜ୍ୟ ସରକାରଙ୍କ ଜଣେ ଉଚ୍ଚପଦସ୍ଥ ଅଧିକାରୀଙ୍କ ଠାରୁ ୩୬ ଲକ୍ଷ ଠକେଇ ମାମଲାରେ ସମ୍ପୃକ୍ତି ରହିଥିବା ୫ ଆନ୍ତଃରାଜ୍ୟ ସାଇବର ଅପରାଧୀଙ୍କୁ ଗିରଫ କରାଯାଇଥିଲା। ସେମାନେ ହେଲେ ଗ୍ୟାଙ୍ଗ୍ ମୁଖିଆ ଲାଲେଙ୍ଗ୍ ଜୌଭା କାଇପେଙ୍ଗ ଓରଫ ଡେଙ୍ଗୋ (ବୋଷ୍), ଜିତେନ୍ କାଇପେଙ୍ଗ୍, ସେକ୍ ତାଜୁଦ୍ଦିନ, ମୁଚୁମାରୀ ଚିଟ୍ଟି ବାବୁ ଓ ଏଲ୍‌ଭିସ୍ ତାରା ଓରଫ ଜେମ୍ସ। ସେମାନଙ୍କୁ ୩ଦିନିଆ ରିମାଣ୍ଡରେ ଆଣିବାକୁ କୋର୍ଟରେ ଆବେଦନ କରାଯିବ। ରିମାଣ୍ଡରେ ଆଣିବା ପରେ ବିଦେଶରେ ରହିଥିବା ଅଭିଯୁକ୍ତ ବିଷୟରେ ପ୍ରମାଣ ଯୋଗାଡ଼ ହେବା ସହ ଧରିବାକୁ ଉଦ୍ୟମ କରାଯିବ। ସେହିପରି ଅଭିଯୁକ୍ତଙ୍କ ଠାରୁ ମିଳିଥିବା ବ୍ୟାଙ୍କଗୁଡିକର ତଥ୍ୟ ମଗାଯାଇଛି। ସେଥିରେ କୋଟି କୋଟି ଟଙ୍କାର ନେଣଦେଣ ହୋଇଥିବାର ପ୍ରମାଣ ମିଳିଛି। ଏଥିସହ ଅଭିଯୁକ୍ତଙ୍କ ଠାରୁ ୧୪ ଲକ୍ଷ ଟଙ୍କା ଫ୍ରିଜ କରିବା ସହ କ୍ରିପ୍ଟୋ ବାଇନାନ୍ସରୁ ଥିବା ୧୭୦୦ ଡଲାରର ଖୋଳତାଡ଼ ଜାରିରହିଛି।

### ଆର୍ଥିକ କାରବାର ଅଣ୍ଡାଳୁଛି ଇଡି

ରାଜ୍ୟର ବିଭିନ୍ନ ଠକେଇ ମାମଲାରେ ସମ୍ପୃକ୍ତି ରହିଥିବା ୧୦ରୁ ଅଧିକ ସାଇବର୍ ଅପରାଧୀଙ୍କ ଆର୍ଥିକ ଖୋଳତାଡ଼ କରୁଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବୀମା ଅର୍ଥ ଠକେଇ ମାମଲାରେ ରାଜ୍ୟ ବାହାର ଧରାପଡ଼ିଥିବା ରଘୁ ଆନନ୍ଦ, ଭୀମ୍, ନିଧି ଶର୍ମା, ପ୍ରମୋଦ ଭାଲି, ଯୋଗେନ୍ଦ୍ର ସିଂ, ଭାନୁ ପ୍ରତାପ ଯାଦବ, ଆଶିଷ କୁମାର ଓ ତେଜ କୁମାରଙ୍କ ଆର୍ଥିକ କାରବାର ଖୋଳତାଡ଼ କରାଯିବ। କ୍ରାଇମ୍‌ବ୍ରାଞ୍ଚ ଠାରୁ ତଥ୍ୟ ନେବା ପରେ ଇଡି ତଦନ୍ତ ଚଳାଇଛି। ସେମାନଙ୍କୁ ପଚରାଉଚରା ସହ ଦିଲ୍ଲୀ ଓ ଉତ୍ତରପ୍ରଦେଶରୁ ତଥ୍ୟ ସଂଗ୍ରହ କରାଯାଉଛି। ଏପରିକି ସ୍ଥାନୀୟ ପୁଲିସ ସହାୟତାରେ ତଦନ୍ତକୁ ଆଗେଇବ ବୋଲି ବିଶେଷସୂତ୍ରରୁ ସୂଚନା ମିଳିଛି। ଅନୁରୂପ ଭାବେ ପୂର୍ବରୁ ଭୁବନେଶ୍ୱରରୁ କ୍ରାଇମ୍‌ବ୍ରାଞ୍ଚ ହାତରେ ଧରାପଡ଼ିଥିବା ଜମତରା ଗ୍ୟାଙ୍ଗ୍‌ର ସଦସ୍ୟ ପ୍ରଦ୍ୟୁମ୍ନ ମଣ୍ଡଲ, କ୍ରିଷ୍ଣା କୁମାର ମଣ୍ଡଲ ଓ ଚେତଲାଲ ମଣ୍ଡଲର ଆର୍ଥିକ କାରବାର ବିଷୟରେ ଇଡି ପକ୍ଷରୁ ଖୋଳତାଡ଼ ଜାରି ରହିଛି।

### ୧୪ ଜିଲ୍ଲାରେ ବେନାମୀ ସିମ୍ ବେପାର



ରାଜ୍ୟରେ ୧୪ଜିଲ୍ଲା ଗ୍ରାମାଞ୍ଚଳରେ ଏବେ ପ୍ରି-ଆକ୍ଟିଭେଟେଡ ବା ବେନାମୀ ସିମ୍ ବିକ୍ରି କରୁଥିବା ଗ୍ୟାଙ୍ଗ୍ ସକ୍ରିୟ ରହିଛନ୍ତି। ଢେଙ୍କାନାଳ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ନବରଙ୍ଗପୁର, ଯାଜପୁର, ଅନୁଗୁଳ, କଟକ, କେନ୍ଦ୍ରାପଡ଼ା, କୋରାପୁଟ୍, ନୟାଗଡ଼ ଓ ଭଦ୍ରକ ଭଳି ଜିଲ୍ଲାରୁ ସର୍ବାଧିକ ପ୍ରି-ଆକ୍ଟିଭେଟେଡ୍ ସିମ୍ ରାଜ୍ୟ ବାହାରକୁ ଚାଲାଣ ହୋଇଛି। ଏଠାରେ ଗ୍ରାମାଞ୍ଚଳ ଅଧିକ ଥିବାରୁ ଦଲାଲ ବେନାମୀ ସିମ୍ ଅଧିକ କାରବାର କରୁଛନ୍ତି। ଗ୍ରାମାଞ୍ଚଳ ଲୋକେ ସିମ୍ ଆଣିବାକୁ ଗଲେ ସେମାନଙ୍କ ପରିଚୟ, ଠିକଣା ଏବଂ ଫିଙ୍ଗରପ୍ରିଣ୍ଟ ନେଉଛନ୍ତି। ଥର ଠିକ୍ ହେବା ପରେ ନେଟ୍‌ୱାର୍କ କିମ୍ବା ଅନ୍ୟାନ୍ୟ ଆଳ ଦେଖାଇ ୩ରୁ ୪ଥର ଫିଙ୍ଗରପ୍ରିଣ୍ଟ ନେଉଛନ୍ତି। ସେଇ ଠିକଣା ଓ ଫଟୋରେ ୩ରୁ ୪ଟି ସିମ୍ ଆକ୍ଟିଭ୍ କରୁଛନ୍ତି। ଗୋଟିଏ ସିମ୍ ଉପଭୋକ୍ତାକୁ ଦେବା ପରେ ଅନ୍ୟ ସବୁକୁ ଶତ୍ରୁରାଷ୍ଟ୍ର କିମ୍ବା ସାଇବର ଠକଙ୍କୁ ବିକ୍ରିକରି ଦେଉଛନ୍ତି। ଗ୍ରାମାଞ୍ଚଳରେ ସିମ୍ କିଣିଥିବା ଉପଭୋକ୍ତାକୁ ସିମ୍ ଦାମ୍ ଠାରୁ ବହୁ କମ୍ ଟଙ୍କା ବିକ୍ରି କରୁଛନ୍ତି। ସେମାନଙ୍କ ନାମ, ଠିକଣା ଓ ଫିଙ୍ଗରପ୍ରିଣ୍ଟକୁ ଜାଲିଆତି କରି ସାଇବର ଠକଙ୍କୁ ବିକ୍ରି କରୁଛନ୍ତି।

# ଭୁବନେଶ୍ୱର ସିଟି



■ ପଞ୍ଜୀକରଣବେଳେ ଭୁଲ୍ ତଥ୍ୟ

## ମିଳୁନି ରୋଗୀଙ୍କ ଠିକଣା

ଭୁବନେଶ୍ୱର, ୨୨।୬(ସମିସ): ଗତ ଜାନୁଆରୀରୁ ଜୁନ୍ ୨୦ ତାରିଖ ସୁଦ୍ଧା ଭୁବନେଶ୍ୱରରୁ ୧୨୦ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବା ବେଳେ ୬ହଜାର ୬ଶହରୁ ଊର୍ଦ୍ଧ୍ୱ ନମୁନା ପରୀକ୍ଷା କରାଯାଇଛି ବୋଲି ବିଏମ୍‌ସି ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ସୂତ୍ରରୁ ଜଣାପଡ଼ିଛି। ହେଲେ ବଡ଼ କଥା ହେଲା ପୂର୍ବ ବର୍ଷ ପରି ଏବର୍ଷ ମଧ୍ୟ ଚିହ୍ନଟ ରୋଗୀଙ୍କୁ ଖୋଜିବା ସମ୍ଭବପର ହେଉନାହିଁ। ପଞ୍ଜୀକରଣବେଳେ ରୋଗୀ ନିଜ ଭୁଲ୍ ଠିକଣା ଦେଉଥିବାରୁ ଟେଷ୍ଟିଂ ରିପୋର୍ଟ ଆସିବା ପରେ ସେମାନଙ୍କ ଘର ଠିକଣା ଠାବ ହୋଇପାରୁନାହିଁ। ଉକ୍ତ ଘରେ ମଶା ତେଲ ସିଞ୍ଚନ ହେଉ କି ଅନ୍ୟ ଆନୁସଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯାଇପାରୁନାହିଁ। ଯାହାଫଳରେ ପୂର୍ବଥର ପରି ଏଥର ମଧ୍ୟ ଭୁବନେଶ୍ୱର ଅଞ୍ଚଳରେ ଡେଙ୍ଗୁ ବ୍ୟାପିବା ନେଇ ଆଶଙ୍କା ପ୍ରକାଶ ପାଇଛି। ୨୦୨୩ ଜୁନ୍ ଶେଷ ସୁଦ୍ଧା ଭୁବନେଶ୍ୱରରେ ୯୨ରୋଗୀ ଚିହ୍ନଟ ହୋଇଥିବାବେଳେ ଏଥର ଜୁନ୍ ୨୦ ତାରିଖ ସୁଦ୍ଧା ସଂଖ୍ୟା ୧୨୦ ଛୁଇଁଛି। ପୂର୍ବବର୍ଷ ଅପେକ୍ଷା ଚଳିତବର୍ଷ ଭୁବନେଶ୍ୱରରୁ ଅଧିକ ରୋଗୀ ଚିହ୍ନଟ ହୋଇଛନ୍ତି। ଏଯାବତ୍ ଡେଙ୍ଗୁ ପ୍ରତିହତ କରିବା ଲାଗି କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରାଯାଇନଥିବା ନଜରକୁ ଆସିଛି। ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ସୂଚନା ଅନୁସାରେ, ଏଯାବତ୍ ଚିହ୍ନଟ ରୋଗୀଙ୍କ ଘର ଓ ଆଖପାଖ ପ୍ରାୟ ୩ ହଜାର ଘରକୁ ଯାଇ ସ୍ୱାସ୍ଥ୍ୟ ଟିମ୍ ମଶା ଉତ୍ପତ୍ତି ସ୍ଥଳ ଖୋଜିଛି। ଯେଉଁଥିରେ ୨୦ରୁ ଊର୍ଦ୍ଧ୍ୱ ଘରୁ ମଶାର ଲାର୍ଭା ମିଳିଛି। ଟିମ୍ ଏହାକୁ ନଷ୍ଟ କରିଥିବାବେଳେ ଯେଉଁଠି ରୋଗୀ ଚିହ୍ନଟ ହେଉଛନ୍ତି, ତାର ଆଖପାଖ ଅଞ୍ଚଳକୁ ଯାଇ ନିୟମିତ ଯାଞ୍ଚ କରିବା ସହ ମଶା ତେଲ ସିଞ୍ଚନ କରୁଛନ୍ତି। କିନ୍ତୁ ଭୁଲ ଠିକଣା ଓ ରୋଗୀଙ୍କୁ ଲୁଚାଇବା ଦ୍ୱାରା ସଂକ୍ରମଣ ବଢ଼ିବା ଆଶଙ୍କା ରହିଛି। ଚିହ୍ନଟ ହୋଇଥିବା ୧୨୦ ଆକ୍ରାନ୍ତଙ୍କ ମଧ୍ୟରୁ ୩୦ ଜଣଙ୍କ ଘର ଭୁବନେଶ୍ୱର ହୋଇଥିବାବେଳେ ବାକି ରୋଗୀଙ୍କ ଘର ଅନ୍ୟ ଜିଲ୍ଲାରେ, ନଚେତ୍ ସେମାନେ ଭୁଲ୍ ଠିକଣା ଲେଖି ଭୁବନେଶ୍ୱରରେ ଟେଷ୍ଟ କରି ପଜିଟିଭ୍ ହୋଇଥିବା ସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି। ଅନ୍ୟପଟେ ଗତ ୮ ତାରିଖରୁ ମୌସୁମୀ ଓଡ଼ିଶା ଛୁଇଁଛି ଓ ଗତ ୧୮ ତାରିଖରୁ ଭୁବନେଶ୍ୱରରେ ପ୍ରାକ୍‌ମୌସୁମୀ ବର୍ଷା ଆରମ୍ଭ ହୋଇଛି। ହେଲେ ଏଯାବତ୍ ଭୁବନେଶ୍ୱରରେ ଗଣସଫେଇ, ସକାଳେ ଓ ସନ୍ଧ୍ୟାରେ ଫଗିଂ ସହ ବ୍ରୁସ୍ କଟିଂ, ମଶା ତେଲ ସିଞ୍ଚ କାର୍ଯ୍ୟ ପଛାଇଥିବା ସୂଚନା ମିଳିଛି। ଯାହାଫଳରେ ପୂର୍ବଥର ପରି ଏଥର ମଧ୍ୟ ଭୁବନେଶ୍ୱରରେ ଡେଙ୍ଗୁ ବ୍ୟାପିଯିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ସେପଟେ ଭୁବନେଶ୍ୱରର ମୋଟ ୫ ସ୍ଥାନରେ ଡେଙ୍ଗୁ ଟେଷ୍ଟିଂ ହେଉଥିବାବେଳେ ବିଏମ୍‌ସି ଓ ଜିଲ୍ଲା ପ୍ରଶାସନକୁ ଆର୍‌ଏମ୍‌ଆର୍‌ସି ଓ ଏମ୍ସରେ ହେଉଥିବା ଟେଷ୍ଟିଂ ଓ ପଜିଟିଭଙ୍କ ଖବର ମିଳୁନାହିଁ। ତେଣୁ ସହରରୁ ବାହାରୁଥିବା ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ୧୨୦ରୁ ଅଧିକ ରହିବା ନେଇ ମଧ୍ୟ ଆଶଙ୍କା ପ୍ରକାଶ ପାଇଛି।

**ଜାନୁଆରୀରୁ ଜୁନ୍ ୧୨୦ ଡେଙ୍ଗୁ ରୋଗୀ ଚିହ୍ନଟ**

■ ଦୁର୍ଗନ୍ଧରେ ଅଣନିଃଶ୍ୱାସୀ ପଥଚାରୀ

## ଷ୍ଟେସନ ରାସ୍ତାରେ କୁଢ଼ କୁଢ଼ ଆବର୍ଜନା

ଭୁବନେଶ୍ୱର, ୨୨।୬(ସମିସ): ମାଷ୍ଟର କ୍ୟାଣ୍ଟିନ୍‌ରୁ ଭୁବନେଶ୍ୱର ରେଳ ଷ୍ଟେସନ ଯିବା ରାସ୍ତାରେ ଯେଉଁଠି ଆଖି ବୁଲାଇଲେ ଖାଲି କୁଢ଼ କୁଢ଼ ଆବର୍ଜନା। ପାହାଡ଼ ପରି ଗଦା ହୋଇଛି ମଇଳା ଓ ବର୍ଜ୍ୟବସ୍ତୁ। ଫଳରେ ରେଳ ଷ୍ଟେସନକୁ ଗଲାବେଳେ ଦୁର୍ଗନ୍ଧରେ ନାକ ଫାଟିପଡ଼ୁଛି। ରେଳରେ ଭୁବନେଶ୍ୱର ସହରକୁ ଆସୁଥିବା ଯାତ୍ରୀ, ଯାତାୟତ କରୁଥିବା ସ୍ଥାନୀୟ ଲୋକେ ଓ ଅଟୋଚାଳକ ଆଦି ଏପରି ଅସ୍ୱାସ୍ଥ୍ୟକର ପରିବେଶରେ ଅଣନିଃଶ୍ୱାସୀ ହୋଇପଡ଼ିବା ସହ ଅଭିଶପ୍ତ ଜୀବନ ବିତାଉଛନ୍ତି ବୋଲି କହୁଛନ୍ତି। ଆଗକୁ ବର୍ଷାଦିନ ଆସୁଥିବାରୁ ସଂକ୍ରମଣର ଆଶଙ୍କା ମଧ୍ୟ ରହୁଛି।



**ଖୋଲିଲା ସୁଶାନ୍ତ ହତ୍ୟାକାଣ୍ଡର ରହସ୍ୟ**

# 'ଅପମାନିତ କରିବାରୁ ମାରିଦେଲି'

ଭୁବନେଶ୍ୱର, ୨୨।୬ (ସମିସ): ରୋଷେୟାଙ୍କୁ ଲୁହା ଛଡ଼ରେ ପିଟି ହତ୍ୟା କରିବା ଘଟଣାରେ ଅଭିଯୁକ୍ତ ଶ୍ରମିକକୁ କୋର୍ଟ ଚାଲାଣ କରିଛି ତମାଣ୍ଡୋ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବୌଦ୍ଧ ଜିଲ୍ଲା ପୁରୁଣା କଟକ ଥାନା ଅଞ୍ଚଳର ରଞ୍ଜନ ଦିପ୍। ପୁଲିସ ତା' ଠାରୁ ହତ୍ୟାରେ ବ୍ୟବହୃତ ଲୁହା ଛଡ଼କୁ ଜବତ କରିଛି। ପୁଲିସ ହାତରେ ଧରାପଡ଼ିବା ପରେ କାଳରାତିର କାହାଣୀ ବଖାଣିଛି ରଞ୍ଜନ। ଗତ ଗୁରୁବାର ରାତିରେ ସୁଶାନ୍ତ ଓ ରଞ୍ଜନ ମିଶି ଛାତ ଉପରେ ମଦ୍ୟପାନ କରିବା ସହିତ ଖିଆପିଆ କରିଥିଲେ। ସୁଶାନ୍ତ ଏହାପରେ ଗୋଡ଼ ମୋଡ଼ିବାକୁ ରଞ୍ଜନକୁ କହିଥିଲା। ସେ ମନା କରିବାରୁ ତାକୁ ଗାଳିଗୁଲଜ କରିଥିଲା। ସୁଶାନ୍ତ ପୂର୍ବରୁ ମଧ୍ୟ ରଞ୍ଜନକୁ ଅତ୍ୟାଚାର ଓ ଅପମାନ ଦେଉଥିବାରୁ ସେ କ୍ରୋଧାନ୍ୱିତ ହୋଇ ରହିଥିଲା। ଘଟଣା ଦିନ ରାତିରେ ମଧ୍ୟ ସମାନ କଥା ହେବାରୁ ସେ କ୍ରୋଧର ବଶବର୍ତ୍ତୀ ହୋଇ ଯାଇଥିଲା ରଞ୍ଜନ। ସୁଶାନ୍ତ ଶୋଇବା ପରେ ଲୁହା ଛଡ଼ ଆଣି ତାଙ୍କ ମୁଣ୍ଡକୁ ଲଗାତାର ୩ ଥର ଆକ୍ରମଣ କରିଥିଲା। ଏଥିରେ ସୁଶାନ୍ତଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହିତ ସେ ମୃତ୍ୟୁବରଣ କରିଥିଲେ। ରଞ୍ଜନ ମୃତଦେହକୁ ଛାତ ଉପରେ ଥିବା ଏକ ପାଣି ଟାଙ୍କି କଡ଼ରେ ଲୁଚାଇ ଦେଇଥିଲା। ଲୁହା ଛଡ଼କୁ ଘରକୁ ଲାଗି ରହିଥିବା ବଣକୁ ଫୋପାଡ଼ି ଦେଇଥିଲା। ମୃତକ ସୁଶାନ୍ତ ଭିତର ପଟରୁ ମୁଖ୍ୟ ଦ୍ୱାର ତାଲା ପକାଇ ଚାବି ରଖିଥିବାରୁ ରଞ୍ଜନ ଦ୍ୱିତୀୟ ମହଲା ବୋଲ୍କୋନୀରୁ ତଳକୁ ଡେଇଁ ଫେରାର ହୋଇଯାଇଥିଲା। ଖବରପାଇ ତମାଣ୍ଡୋ ଥାନା ପୁଲିସ ତାକୁ ଗିରଫ କରିଥିଲା। ଘଟଣାସ୍ଥଳକୁ ନେଇ ତା ଠାରୁ ପୂରା ଘଟଣାକ୍ରମ ବିଷୟରେ ତଥ୍ୟ ଆଦାୟ କରିଥିଲା। ଏଥିସହିତ ବଣ ଭିତରୁ ହତ୍ୟାରେ ବ୍ୟବହୃତ ଲୁହା ଛଡ଼କୁ ଜବତ କରିଥିଲା। ରଞ୍ଜନକୁ ଗିରଫ କରିବା ପରେ ତା ବିଷୟରେ ଚାଞ୍ଚଲ୍ୟକର ତଥ୍ୟ ପୁଲିସ ହାତରେ ଲାଗିଛି। ଏହା ତା'ର ପ୍ରଥମ ଅପରାଧ ନୁହେଁ, ପୂର୍ବରୁ ଆହୁରି ୩ଟି ମାମଲାରେ ତାର ସଂପୃକ୍ତି ରହିଥିବା ପୁଲିସ ଜାଣିବାକୁ ପାଇଛି। ଜଣେ ମହିଳାଙ୍କୁ ଦୁଷ୍କର୍ମ ଓ ହତ୍ୟା କରିଥିବା ଅଭିଯୋଗରେ ରଞ୍ଜନ ୨୦୧୯ ମସିହାରେ ଜେଲ୍ ଯାଇଥିଲା। ୨୦୧୬ ମସିହାରେ ତା ବାପାଙ୍କୁ ଆକ୍ରମଣ କରିଥିବାବେଳେ ୨୦୧୦ ମସିହାରେ ଜଣେ ନାବାଳିକାଙ୍କୁ ଅପହରଣ କରିଥିବା ଭଳି ମାମଲା ରଞ୍ଜନ ନାମରେ ରହିଥିବା ପୁଲିସ ଜାଣିବାକୁ ପାଇଛି।

ସୂଚନାଯୋଗ୍ୟ ଯେ, ଖୋର୍ଦ୍ଧା ଆଦର୍ଶ ଥାନା ଅନ୍ତର୍ଗତ ଗୋପପୁରିଆ ପାଟପୁରର ସୁଶାନ୍ତ ଶତପଥୀ ପ୍ରାୟ ଏକ ବର୍ଷ ହେବ ତମାଣ୍ଡୋ ଥାନା ଅଧୀନସ୍ଥ ମହୁରା ଠାରେ ଥିବା ଠିକାଦାର କମ୍ବୁପାଣି ପାତ୍ରଙ୍କ ଅଫିସରେ ରହି ଆସୁଥିଲା। ଦିନ ସାରା ରୋଷେଇ କାମ କରୁଥିବାବେଳେ ରାତିରେ ସେହିଠାରେ ଶୋଉଥିଲା। ଗତ ୩ ମାସ ପୂର୍ବେ ରଞ୍ଜନ ମଧ୍ୟ କମ୍ବୁପାଣିଙ୍କ ଅଧିନରେ ଶ୍ରମିକ ଭାବେ କାମ କରୁଥିଲା। ସୁଶାନ୍ତ ବିଭିନ୍ନ ସମୟରେ ରଞ୍ଜନକୁ କାମ ବତାଉଥିଲା। ଏଥିସହିତ ଗାଳିଗୁଲଜ କରିବା ସହିତ ମାରପିଟ୍ ମଧ୍ୟ କରୁଥିଲା।



**ଛଡ଼ରେ ୩ ଥର ମୁଣ୍ଡକୁ ପିଟିଥିଲା**

**ବାପାଙ୍କୁ ପିଟିଥିଲା; ନାବାଳିକାଙ୍କୁ ଅପହରଣ କରିଥିଲା**

**ଦୁଷ୍କର୍ମ ଓ ହତ୍ୟା ମାମଲାରେ ଯାଇଥିଲା ଜେଲ୍**

**ଆସ୍ଥା ସହ ଖେଳୁଛନ୍ତି ଦୁର୍ବୃତ୍ତ**

# ରାସ୍ତାକଡ଼ରୁ ତାରିଣୀ ନଡ଼ିଆ ଲୁଟ୍

ଭୁବନେଶ୍ୱର, ୨୨।୬(ସମିସ): ଶ୍ରଦ୍ଧାଳୁଙ୍କ ଆସ୍ଥା ସହ ଖେଳ ଖେଳୁଛନ୍ତି ଲୁଟେରା। ମା'ତାରିଣୀଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଳୁ ପଠାଉଥିବା ନଡ଼ିଆ, ଧୂପ ଏବଂ ଟଙ୍କାକୁ ଅଧା ବାଟରୁ ଲୁଟି ନେଉଛନ୍ତି। ଏହାକୁ ଲୁଟିବା ପଛରେ ରାଜଧାନୀରେ ଏକ ରାକେଟ୍ କାମ କରୁଥିବା ଦେଖିବାକୁ ମିଳିଛି। ମାନସିକ ରଖିଥାନ୍ତି। ସେମାନଙ୍କ ମାନସିକ ପୂରଣ ହେଲେ କିଏ ୧୦୮ କିମ୍ବା ୧୦୦୮ ନଡ଼ିଆ ପଠାଇଥାନ୍ତି। ଶ୍ରଦ୍ଧାଳୁମାନେ ନଡ଼ିଆରେ ଛିଟ କନାରେ ଗୁଡ଼ାଇ ସେଥିରେ ଗୁଆ, ଧୂପ କାଠି ଏବଂ ଟଙ୍କା ବାନ୍ଧି ବସ୍‌ରେ ପଠାଇଥାନ୍ତି। ବିଭିନ୍ନ ଜିଲ୍ଲାରୁ ବସ୍‌ରେ ଆସିଥିବା ପୁଳାପୁଳା ନଡ଼ିଆ



**ଟଙ୍କା କାଢ଼ିନେଇ ନଡ଼ିଆ, ଧୂପକାଠି ବିକୁଛନ୍ତି**

**ମାସିକ ୩୦ରୁ ୪୦ ହଜାର ରୋଜଗାର କରୁଛନ୍ତି ଦୁର୍ବୃତ୍ତ**

ଶୁକ୍ରବାର ରାତିରେ କିଛି ଦୁର୍ବୃତ୍ତ ସିଆର୍‌ପି ଛକରେ ଥିବା ନଡ଼ିଆ ବସ୍ତାକୁ ଚୋରିକରି ନେବାକୁ ଉଦ୍ୟମ କରିଥିଲେ। ସେଠାରେ ଥିବା କିଛି ବ୍ୟକ୍ତି ଦୁର୍ବୃତ୍ତଙ୍କୁ ଧରିବା ପରେ ସେ ସତକଥା କହିଥିଲେ। ଏହାପରେ ଭୁଲ୍ ମାଗି ସେଠାରୁ ପଳାଇ ଯାଇଥିଲେ। ସ୍ଥାନୀୟ ଦୋକାନୀ ଏବଂ ଅନ୍ୟ ବ୍ୟକ୍ତିଙ୍କୁ ପଚାରିବା ପରେ ଏହି ରାକେଟ୍ ସମ୍ପର୍କରେ ଜଣାପଡ଼ିଥିଲା। ଅନେକ ଶ୍ରଦ୍ଧାଳୁ ନିଜ ମା'ତାରିଣୀଙ୍କ ନିକଟରେ ନଡ଼ିଆ ବରମୁଣ୍ଡା, ଫାୟାରଷ୍ଟେସନ ଛକ, ସିଆର୍‌ପି, ନୂଆପଲ୍ଲୀ ଦୁର୍ଗାମଣ୍ଡପ ଛକ, ସତସଂଗ ବିହାର ଏବଂ ରସୁଲଗଡ଼ ବସ୍‌ଷ୍ଟାଣ୍ଡରେ ରହିଥାଏ। କିନ୍ତୁ ମା'ଙ୍କ ଏହି ନଡ଼ିଆ ଉପରେ ଏବେ କିଛି ଦୁର୍ବୃତ୍ତଙ୍କ ନଜର ରହିଛି। ନଡ଼ିଆରେ ଛିଟ କନାରେ ବନ୍ଧା ହୋଇଥିବା ଧୂପକାଠି ଏବଂ ୧୦ ଟଙ୍କିଆ ଏବଂ ୫ ଟଙ୍କିଆ କଏନ୍ ଉପରେ ରହିଛି। ସେମାନେ ରାତି ଅଧରେ ଅଟୋରେ ଆସୁଛନ୍ତି। ବସ୍‌ଷ୍ଟାଣ୍ଡରେ ଥିବା ନଡ଼ିଆ ବସ୍ତାକୁ ଉଠାଇ ଅଟୋରେ ନେଇଯାଉଥିବା ଅଭିଯୋଗ ହେଉଛି। କେହି ପଚାରିଲେ ମନ୍ଦିର ତରଫରୁ ସେଗୁଡ଼ିକୁ ନିଆଯାଉଥିବା କହୁଛନ୍ତି ଦୁର୍ବୃତ୍ତ। ତେଣୁ ଏହି ଚୋରମାନେ ନଡ଼ିଆ ନେବା ପରେ ସେଥିରେ ଛିଟ କନାରେ ବନ୍ଧା ହୋଇଥିବା ଟଙ୍କା ଏବଂ ଧୂପକୁ ଅଲଗା କରି ଦେଉଛନ୍ତି। ଟଙ୍କା, ଧୂପ ଅଲଗା କରିବା ପରେ ନଡ଼ିଆ ବଜାରରେ ବିକ୍ରି କରି ଦେଉଛନ୍ତି। ଗୋଟିଏ ନଡ଼ିଆକୁ ୩୦ରୁ ୪୦ ଟଙ୍କାରେ ବିକ୍ରି କରୁଥିବା ବେଳେ ଧୂପ କାଠିକୁ ମଧ୍ୟ ବଜାର ଦରରେ ବିକ୍ରି କରୁଛନ୍ତି। ଏହିଭଳି ଜଣେ ଜଣେ ଲୁଟେରା ନଡ଼ିଆ ବାବଦରେ ମାସକୁ ୩୦ରୁ ୪୦ ହଜାର ଟଙ୍କା ରୋଜଗାର କରୁଛନ୍ତି। ବିଶେଷକରି ଏହି ନଡ଼ିଆ ସବୁ ଏକ ନମ୍ବର ମାର୍କେଟ, ୪ ନମ୍ବର, ଇନ୍ଦ୍ରଧନୁ ମାର୍କେଟ ଭଳି ବଡ଼ବଡ଼ ଦୋକାନରେ ବିକ୍ରି କରି ଦେଉଛନ୍ତି।

## ଓଡ଼ିଶୀ ସଙ୍ଗୀତ ମହୋତ୍ସବ



ଭୁବନେଶ୍ୱର, ୨୨।୬(ସମିସ): ଆଳାପ କଲଚରାଲ ଟ୍ରଷ୍ଟ ଓ ସଙ୍କେତ ଅନୁଷ୍ଠାନ ତରଫରୁ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଅଡିଟୋରିୟମ୍‌ରେ ଅନ୍ତର୍ଜାତୀୟ ଓଡ଼ିଶୀ ସଙ୍ଗୀତ ମହୋତ୍ସବ 'ଆଳାପ-୨୦୨୪' ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ମର୍ଦ୍ଦଳ ବାଦକ ଗୁରୁଶ୍ରୀ ଧନେଶ୍ୱର ସ୍ୱାଇଁ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରି ସଙ୍ଗୀତ ହିଁ ଏକ ସହଜ ମାଧ୍ୟମ ଯାହାକି ମନୁଷ୍ୟକୁ ମୋକ୍ଷପ୍ରାପ୍ତି କରିଥାଏ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ସୁକାନ୍ତ କୁଣ୍ଡୁ, ନୃତ୍ୟ ଗୁରୁ କୃଷ୍ଣଚନ୍ଦ୍ର ମଙ୍ଗରାଜ, ଅନୁଷ୍ଠାନର ସଭାପତି ବଦ୍ରିନାରାୟଣ ମହାନ୍ତି, ଗୁରୁ ନିମାକାନ୍ତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ଛାନ୍ଦ, ଚମ୍ପୂ, ଚଉତିଶା, ଭଜନ ଜଣାଣ, ଗୀତଗୋବିନ୍ଦ, କଳାକୃଷ୍ଣ କମଳ ଆଖି, ମଣିମା ଏତିକି ମାଗୁଣି ମୋର, କଳା କଳେବର କହ୍ନେଇ, ରାସେ ହରମିହ, ସଜନି କି ଲାଜେ ସଢ଼ିଲି, ସୋଭା ଗୋ କୁଞ୍ଜେ, ଗୀତପରିବେଷଣ କରାଯାଇଥିଲା। ଅପରାହ୍ଣ ପର୍ଯ୍ୟାୟରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ଏଚ୍‌ଆର୍ ଡିଓଟିସ୍‌ଏଲ. ନିର୍ଦ୍ଦେଶକ ରଘୁନାଥ ପ୍ରତିହାରୀ, ଓଡ଼ିଶୀ ଗୁରୁ ତଥା ପ୍ରଫେସର ରାମହରି ଦାସ, ବିଶିଷ୍ଟ ମର୍ଦ୍ଦଳ ବାଦକ ଗୁରୁ ଧନେଶ୍ୱର ସ୍ୱାଇଁ, ଓଡ଼ିଶୀ ନୃତ୍ୟ ଶିଳ୍ପୀ ତଥା ଲେଖିକା ଡ. ସୁପ୍ରଭାମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଶିଷ୍ଟ ଓଡ଼ିଶୀ କଣ୍ଠଶିଳ୍ପୀ ଗୁରୁ ବିଜୟ କୁମାର ଜେନାଙ୍କୁ 'ବିଷ୍ଣୁଚରଣ ଆଳାପ ସମ୍ମାନ', ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ କୁମାର ରଥଙ୍କୁ 'ବିଷ୍ଣୁଚରଣ ରାଉତ ନାଟ୍ୟପୁରୁଷ ସମ୍ମାନ'ରେ ସମ୍ମାନୀତ କାରାଯାଇଥିଲା। ସେହିପରି ଅନୁଷ୍ଠାନ ତରଫରୁ ଅନ୍‌ଲାଇନ ମାଧ୍ୟମରେ ଅନୁଷ୍ଠିତ ହୋଇଥିବା ଓଡ଼ିଶୀ କଣ୍ଠ ସଙ୍ଗୀତ ପ୍ରତିଯୋଗିତାର ଶ୍ରେଷ୍ଠ ତିନି ଜଣ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରାଯାଇଥିଲା।

## ଆଓ ନେକ୍ସଟ୍‌ର 'ଆୟୁଷ୍ମାନ ମସ୍ତରାମ୍' ସଫଳତା ପାଇଁ ସେଲିବ୍ରେସନ୍



ଭୁବନେଶ୍ୱର, ୨୨।୬(ସମିସ): ଓଡ଼ିଶାର ଲୋକପ୍ରିୟ ଓଟିଟି ପ୍ଲାଟଫର୍ମ 'ଆଓ ନେକ୍ସଟ'ରେ ପହିଲି ରଜରେ ଷ୍ଟ୍ରିମ୍ ହୋଇଥିବା କୌସ୍ତୁଭ ଡ୍ରିମୱାର୍କ୍ସ ଷ୍ଟୁଡିଓ ପ୍ରଯୋଜିତ 'ଆୟୁଷ୍ମାନ ମସ୍ତରାମ୍' ଖୁବ୍ କମ ଦିନ ଭିତରେ ବିପୁଳ ସଂଖ୍ୟାରେ ଦର୍ଶକାଦୃତ ପାଇପାରିଛି। ଏହି ସଫଳତାକୁ ଆହୁରି ଆଗକୁ ନେବା ପାଇଁ ଟିମ୍‌ର ସଦସ୍ୟମାନଙ୍କୁ ନେଇ ସ୍ଥାନୀୟ ଏକ ଘରୋଇ ହୋଟେଲରେ ସେଲିବ୍ରେସନ୍ କରାଯାଇଥିଲା। ଏଥିରେ ଆଓ ନେକ୍ସଟର ପ୍ରତିଷ୍ଠାତା କୌଶିକ ଦାସ, ନିର୍ଦ୍ଦେଶକ ଅଜୟ ରଥ, ଅଭିନେତା ବିରଞ୍ଚି ନାୟକ, ଅଭିନେତ୍ରୀ ରାଣୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ୱେବ ସିରିଜ୍‌ରେ ଅଭିନୟରେ ନଜରକୁ ଆସିଛନ୍ତି, ଅଭିନେତା ବିରଞ୍ଚି ନାୟକ, କେ.କେ, ଦିଲ୍ଲୀପ ଚୌଧୁରୀ, ସରୋଜ ଦାସ, ଅଭିନେତ୍ରୀ ପ୍ରିୟା ରୟ, ଦିବ୍ୟା, ରାଣୀ ପଣ୍ଡା ଏବଂ ମିଲି ପ୍ରମୁଖ। ଏହାର ଡିଓପି ଧୃବାନନ୍ଦ ପଣ୍ଡା, ସମ୍ପାଦକ ସରୋଜ ରାଉଳ, କଳା ନିର୍ଦ୍ଦେଶନାରେ ପାଣ୍ଡିଆ ଅଛନ୍ତି। କାହାଣୀ ଭୁବନେଶ୍ୱର ସହରରେ ଘଟୁଥିବା ଘଟଣାବଳିକୁ ନେଇ ଗଢ଼ା ହୋଇଛି। ରାଜଧାନୀକୁ ସମସ୍ତେ ନିଜର ସ୍ୱପ୍ନ ପୂରଣ କରିବା ଆଶାରେ ଧାଇଁ ଆସିଥାନ୍ତି, ଆୟୁଷ୍ମାନ ମଧ୍ୟ ସଂଘର୍ଷ କରି ସ୍ୱପ୍ନପୂରଣ ପାଇଁ ଅଣ୍ଟା ଭିଡ଼ିଛି। ସ୍ୱପ୍ନ ତା'ର ଜଣେ ଲେଖକ ହେବ। ବାପା ମାଆ ତାକୁ ଇଞ୍ଜିନିଅର ହେବା ପାଇଁ ପାଠ ପଢ଼େଇଥିଲେ ନିଜର ସମସ୍ତ ସଞ୍ଚିତ ଅର୍ଥ ଖର୍ଚ୍ଚ କରି ହେଲେ, ଆୟୁଷ୍ମାନ ଲେଖକ ହୋଇ ନିଜର ଗୋଟେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ଜିଦ୍‌ରେ ଅଟଳ ଥିଲା। ଗୋଟିଏ ପବ୍ଲିକେସନ ହାଉସ୍‌ରୁ ଆଉ ଗୋଟିଏକୁ ଦୌଡ଼ି ଦୌଡ଼ି ସଫଳ ହୋଇପାରୁ ନ ଥିଲା, ଶେଷରେ ଭଗବାନ ତା' ଡାକ ଶୁଣି ତା' ସ୍ୱପ୍ନ ପୂରଣ କରିଥିଲେ କି ନା ତା'ରି ଉପରେ ଏହା ସମ୍ପୂର୍ଣ୍ଣ ଆଧାରିତ। ଆଓ ନେକ୍ସଟକୁ ଦର୍ଶକ ଆଜି ପର୍ଯ୍ୟନ୍ତ ପ୍ରଚୁର ଭଲ ପାଇବା ଦେଇଆସିଛନ୍ତି। ଆଗାମୀ ଦିନରେ ମଧ୍ୟ ଆୟୁଷ୍ମାନ ମସ୍ତରାମ୍‌କୁ ମଧ୍ୟ ସେଇ ଅନୁପାତରେ ଭଲ ପାଇବା ଦେବେ ବୋଲି ପ୍ରଯୋଜକ କୌଶିକ ଦାସ ଆଶା ରଖିଛନ୍ତି।

# ଭୁବନେଶ୍ୱରରେ ବଢୁଛି ଚାଇନା ପାଠର ଚାହିଦା

ଭୁବନେଶ୍ୱର, ୨୨।୬(ସମିସ): ଆବାକସ୍ ବହୁତ ପୂର୍ବରୁ ଉଦ୍ଭାବନ ହୋଇ ସାରିଥିବା ଗାଣିତିକ ଗଣନା ପ୍ରକ୍ରିୟା। ଏହା ମିଶାଣ, ଫେଡ଼ାଣ, ଗୁଣନ ଓ ହରଣ କରିବାକୁ ବ୍ୟବହାର କରାଯାଇଥାଏ। ଏହା ପ୍ରଥମେ ଚାଇନାରୁ ଆରମ୍ଭ ହୋଇ ଧୀରେ ଧୀରେ ଭାରତରେ ମଧ୍ୟ ତା'ର ଚାହିଦା ବଢ଼ିବାକୁ ଲାଗିଲା। କିଛି ବର୍ଷ ପୂର୍ବେ ପିଲା ସ୍କୁଲରେ କେବଳ ଆବାକସ୍‌ର ସଂଜ୍ଞା ଓ ଅଳ୍ପ ବହୁତେ ତା'ର ବ୍ୟବହାର ବିଷୟରେ ଜାଣୁଥିଲେ। ହେଲେ ତାହା କେବଳ ଶ୍ରେଣୀ ଓ ବହି ଯାଏଁ ସୀମିତ ରହୁଥିଲା। ଆବାକସ୍ ହେଉଛି ଏକ ଗଣନାକାରୀ ଉପକରଣ ଯେଉଁଥିରେ ମାଳି, ବାଡ଼ି, ତାର କିମ୍ବା ରେଖା ସହିତ ସ୍ଲାଇଡ୍ କାଉଣ୍ଟର ଦ୍ୱାରା ଗାଣିତିକ ଗଣନା କରାଯାଇଥାଏ। ଏହି ଉପକରଣ ଖ୍ରୀଷ୍ଟୀୟ ସମୟରୁ ବ୍ୟବହାର ହେଉଥିବା ବିଶ୍ୱାସ ରହିଛି। ଏହି ଗଣନା ପଦ୍ଧତି ବ୍ୟବହାର ଫଳରେ ପିଲାଙ୍କ ଗାଣିତିକ ସୂତ୍ର ମନେରଖିବାର କ୍ଷମତା ବୃଦ୍ଧି ହେବା ସହ ମସ୍ତିଷ୍କର ବିକାଶ ମଧ୍ୟ ଘଟିଥାଏ। ଏହି ପରିପ୍ରେକ୍ଷୀରେ ବର୍ତ୍ତମାନ ଏହି ଆବାକସ୍ ପାଠର ଚାହିଦା ବଢୁଥିବା ଦେଖିବାକୁ ମିଳୁଛି। ଚାହିଦାକୁ ନଜରରେ ରଖି ବିଭିନ୍ନ ଆବାକସ୍ ପ୍ରଶିକ୍ଷଣ ଅନୁଷ୍ଠାନ ରାଜଧାନୀରେ ଖୋଲିଗଲାଣି। ବର୍ତ୍ତମାନ ସୁଦ୍ଧା ପାଖାପାଖି ୩୦ରୁ ଅଧିକ ଆବାକସ୍ ପ୍ରଶିକ୍ଷଣ ଅନୁଷ୍ଠାନ ଦେଖିବାକୁ ମିଳୁଛି। ଖଣ୍ଡଗିରି, ଜାଗମରା, ଡେଲ୍‌ଟା ଛକ, ଜୟଦେବ ବିହାର, ଚନ୍ଦ୍ରଶେଖର ପୁର, କଳିଙ୍ଗନଗର, ବଡଗଡ଼ ବ୍ରିଟ କଲୋନୀ, ରସୁଲଗଡ଼, ଜନପଥ, ଶତାବ୍ଦୀ ନଗର, କିଟ୍ ଛକ ଆଦି ପ୍ରମୁଖ ଛକଗୁଡ଼ିକରେ ଦେଖିବାକୁ ମିଳିଥାଏ। ଧର୍ମବିହାରସ୍ଥିତ ମାଷ୍ଟରମାଇଣ୍ଡ ଆବାକସ୍ ସେଣ୍ଟରର ପ୍ରତିଷ୍ଠାତା ସୁନିତା ପଟ୍ଟନାୟକ କୁହନ୍ତି ବର୍ତ୍ତମାନ ସମୟରେ ଆବାକସ୍ ପାଠର ଚାହିଦା ଆଗ ଅପେକ୍ଷା ଦୁଇଗୁଣ ବଢ଼ିଗଲାଣି। କାରଣ ପିଲାଙ୍କ ପଢ଼ାରେ ଉନ୍ନତି ଆଣିବାରେ ଏହା ବେଶ୍ ସହାୟକ ହେଉଛି ବୋଲି ମାତାପିତା ପିଲାଙ୍କୁ ଆବାକସ୍‌ର ସ୍ୱତନ୍ତ୍ର ପ୍ରଶିକ୍ଷଣ ଦେବାକୁ ଚାହୁଁଛନ୍ତି। ଏଥିପାଇଁ ରାଜଧାନୀରେ ମଧ୍ୟ ତାଙ୍କ ଅନୁଷ୍ଠାନ ପରି ଅନେକଗୁଡ଼ିଏ ଅନୁଷ୍ଠାନ ଖୋଲିଗଲାଣି। ଏହି ଶିକ୍ଷା ୫ରୁ ୧୩ ବର୍ଷ ବୟସର ପିଲାଙ୍କୁ ଦିଆଯାଇଥାଏ। ଏହି ପାଠ ପୂରା ଶିଖିବାକୁ ପ୍ରାୟ ୩ ବର୍ଷ ସମୟ ଲାଗେ। ପୂର୍ବରୁ ଅନ୍‌ଲାଇନ୍‌ରେ ପିଲା ଏହି ପାଠ ଶିଖୁଥିଲେ। ହେଲେ ଏବେ ସିଧାସଳଖ ଶିଖିବାର ସୁବିଧା ପାଇ ପାରୁଛନ୍ତି। ଯେହେତୁ ସକାଳ ସମୟରେ ପିଲାଙ୍କ ସ୍କୁଲ ଥାଏ ତେଣୁ ତାଙ୍କ ସୁବିଧାକୁ ନଜରରେ ରଖି ଏହି କ୍ଲାସ ୪ ଟା ପରେ ରଖାଯାଇଥାଏ। ବର୍ତ୍ତମାନ ତାଙ୍କ ଅନୁଷ୍ଠାନରେ ପାଖାପାଖି ୨୦୦ରୁ ଅଧିକ ପିଲା ଆବାକସ୍ ପାଠ ପଢୁଛନ୍ତି। ଏହି ପାଠରେ ୮ଟି ସ୍ତର ରହୁଛି ଯାହା ପର୍ଯ୍ୟାୟକ୍ରମେ ପିଲାଙ୍କୁ ଶିଖାଯାଇଥାଏ। ପ୍ରଥମେ ସରଳ ସୂତ୍ରରୁ ଆରମ୍ଭ କରି କଠିନ ପର୍ଯ୍ୟନ୍ତ ରହିଥାଏ। ମଜାଳିଆ କାହାଣୀ ଶୁଣାଇବା ଢଙ୍ଗରେ ସେଠାରେ ପାଠ ପଢ଼ାଯାଇଥାଏ ବୋଲି ସୁନିତା କହିଛନ୍ତି। ଏହି ଛୋଟ ଛୋଟ ପିଲାମାନଙ୍କୁ ପଢ଼ାରେ ଉତ୍ସାହିତ କରିବାକୁ ସରକାରଙ୍କ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ କରାଯାଇ ବିଜେତାଙ୍କୁ ପୁରସ୍କୃତ କରାଯାଉଛି।



**ରାଜଧାନୀରେ ଖୋଲିଲାଣି ୩୦ରୁ ଅଧିକ ଆବାକସ୍ କେନ୍ଦ୍ର**

**ପିଲାଏ ଶିଖୁଛନ୍ତି ସହଜ ଗାଣିତିକ ଜ୍ଞାନକୌଶଳ**

## ବେଙ୍ଗାଲୁରୁ ପ୍ରବାସୀ ଓଡ଼ିଆ ପିଲାଙ୍କ ମଧ୍ୟରେ ପ୍ରତିଯୋଗିତା

ଭୁବନେଶ୍ୱର, ୨୨।୬(ସମିସ): ପ୍ରବାସରେ ଓଡ଼ିଶା ଓ ଓଡ଼ିଆ ଭାଷାର ପ୍ରଚାର ପ୍ରସାର ପାଇଁ ବେଙ୍ଗାଲୁରୁ ଓଡ଼ିଆ ସାହିତ୍ୟ ସମାଜ ପକ୍ଷରୁ ଆଭାସୀ ମଞ୍ଚରେ ବେଙ୍ଗାଲୁରୁରେ ରହୁଥିବା କୁନି କୁନି ପିଲାମାନଙ୍କ ମଧ୍ୟରେ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉଭୟ ପ୍ରତିଯୋଗିତାର ଶୀର୍ଷକ ଥିଲା 'ମୋ ସ୍ୱପ୍ନର ଓଡ଼ିଶା'। ବକ୍ତୃତା ପ୍ରତିଯୋଗିତାରେ ମୋକ୍ଷ ସାନିଧ୍ୟ ବଳ, ସ୍ରୋତ୍ରୀ ଷଡ଼ଙ୍ଗୀ, ମନସ୍ୱୀ ଜେନା, ଅଂଶିକା ପାଢ଼ୀ, ତେଜସ୍ୱୀ ଜେନା, ସୃତିକାବ୍ୟା ମହାରଣା ପ୍ରମୁଖ ଭାଗନେଇଥିବା ବେଳେ ଚିତ୍ରାଙ୍କନରେ ମୁକ୍ତି ସାନିଧ୍ୟ ବଳ, ସ୍ୱସ୍ତିକ ନାଥ, ଦିବ୍ୟାଶା ବଳବନ୍ତରାଏ, ଆୟୁଷ୍ମାନ ପାତ୍ର, ଶ୍ରେୟାଂଶ ଦାଶ ପ୍ରମୁଖ ଭାଗ ନେଇଥିଲେ। ବକ୍ତୃତା ପ୍ରତିଯୋଗିତାରେ ବିଚାରକ ଭାବରେ ସାହିତ୍ୟିକ କୁଳମଣି ଷଡ଼ଙ୍ଗୀ, ଦିଗବଳୟର ସମ୍ପାଦକ ଅଜୟ କେତନ ମହାନ୍ତି ଓ ମାନମୟୀ ରଥ ରହିଥିବା ବେଳେ ଚିତ୍ରାଙ୍କନ ପ୍ରତିଯୋଗିତାରେ ଲୋପାମୁଦ୍ରା ପରିଡ଼ା, ତପସ୍ୱିନୀ ଦାଶ ଷଡଙ୍ଗୀ ଓ ଦୁର୍ଗେଶ ନନ୍ଦିନୀ ଦାଶ ପ୍ରମୁଖ ବିଚାରକ ଭାବରେ ରହିଥିଲେ। ସମସ୍ତ ପ୍ରତିଯୋଗୀ ଓ ବିଜେତାମାନଙ୍କୁ ଆସନ୍ତା ୨୩ରେ ହେବାକୁ ଥିବା ସାହିତ୍ୟାୟାନ ୨୦୨୪ ଉତ୍ସବରେ ସମ୍ମାନିତ କରାଯିବ ବୋଲି ବାଙ୍ଗାଲୋର ଓଡ଼ିଆ ସାହିତ୍ୟ ସମାଜର କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି।







# ସ୍ନାନପୂର୍ଣ୍ଣିମାରେ ଗଜାନନ ବେଶ

## ସ୍ନାନବେଦୀରୁ ଅଣସର ଘରକୁ ଗଲେ ମହାପ୍ରଭୁ



ଭୁବନେଶ୍ୱର, ୨୨।୬(ସମିସ): ଶ୍ରୀକ୍ଷେତ୍ର ପୁରୀର ରୀତିନୀତି ଅନୁସାରେ ଶ୍ରୀଜଗନ୍ନାଥଙ୍କ ଜନ୍ମତିଥିକୁ ଭୁବନେଶ୍ୱରର ଇସ୍କନ ମନ୍ଦିର ପରିସରରେ ସ୍ନାନପୂର୍ଣ୍ଣିମା ଉତ୍ସବ ଭାବେ ପାଳନ କରାଯାଇଛି। ମନ୍ଦିରରେ ଭୋର ୪ଟାରେ ମଙ୍ଗଳ ଆଳତି କରାଯିବା ପରେ ମଇଲମ ନୀତି କରାଯାଇଥିଲା। ଏହାପରେ ସ୍ନାନ କରାଯିବା ପରେ ଶ୍ରୀଜିଉଙ୍କ ଦର୍ଶନ କରିଥିଲେ ଭକ୍ତ। ସ୍ନାନବେଦୀରେ ଶ୍ରୀଜିଉଙ୍କ ଦର୍ଶନ କରି ଭାବବିହ୍ୱଳ ହୋଇଥିଲେ ଭକ୍ତ। ଏହାପରେ ବଲ୍ଲଭ ଭୋଗ ଲାଗି ହୋଇଥିଲା। ଗୁରୁପୂଜା ପରେ ସକାଳ ୯ଟାରେ ଶ୍ରୀବଳଦେବ, ଦେବୀ ସୁଭଦ୍ରା ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଘଣ୍ଟଘଣ୍ଟା ଓ ଚାମର ଲାଗି କରାଯାଇ ପ୍ରଭୁଙ୍କୁ ସ୍ନାନ ମଣ୍ଡପକୁ ବିଜେ କରାଯାଇଥିଲା। ସାଢ଼େ ୯ଟାରୁ ପହଣ୍ଡି ବିଜେ ଆରମ୍ଭ ହୋଇ ସାଢ଼େ ୧୧ଟା ସୁଦ୍ଧା ଶେଷ ହୋଇଥିଲା। ଘିଅ, ମହୁ ଓ ଦୁଗ୍ଧ ସହିତ ଏହି ଜଳରେ ମହାପ୍ରଭଙ୍କୁ ସ୍ନାନ କରାଯାଇଥିଲା। ଏହାପରେ ସାଢ଼େ୧୨ଟାରେ ଶୃଙ୍ଗାର କରାଯାଇ ଶ୍ରୀଜିଉଙ୍କ ପାଖରେ ଗଜାନନ ବେଶ କରାଯାଇଥିଲା। ସନ୍ଧ୍ୟା ସାଢ଼େ ୬ଟାରେ ଶ୍ରୀଜିଉଙ୍କ ପାଖରେ ସନ୍ଧ୍ୟା ଆଳତି କରାଯାଇ ରାତି ୯ଟାରେ ଶ୍ରୀଜିଉ ସ୍ନାନ ମଣ୍ଡପରୁ ଅଣସର ଗୃହକୁ ପ୍ରତ୍ୟାବର୍ତ୍ତନ କରିଥିଲେ।

ସେହିପରି କିସ୍ ଶ୍ରୀବାଣୀକ୍ଷେତ୍ରରେ ରୀତିନୀତି ଅନୁସାରେ ଭକ୍ତଙ୍କ ଗହଣରେ ଶ୍ରୀଜିଉଙ୍କ ଦେବସ୍ନାନ କରାଯାଇଥିଲା। ସକାଳୁ ମହାପ୍ରଭୁଙ୍କ ମଙ୍ଗଳ ଆଳତି କରାଯାଇଥିଲା। ପରେ ଅବକାଶ, ମଇଲମ କରାଯିବା ସହ ସେବାୟତଙ୍କ ଦ୍ୱାରା ୧୦୮ ମାଠିଆ ପାଣି ସୁନା କୂଅରୁ ଅଣାଯାଇ ଠାକୁରଙ୍କୁ ସ୍ନାନ କରାଯାଇଥିଲା। ଦଇତାପତିଙ୍କ ଦ୍ୱାରା ଦାଣ୍ଡପୂଜା ଓ ପଥଶୋଧନ କରାଯାଇଥିଲା। ଏହାପରେ ଛେରାପହଁରା କରାଯାଇ ତିନି ଠାକୁରଙ୍କୁ ସ୍ନାନ ମଣ୍ଡପକୁ ଅଣାଯାଇଥିଲା। ଗୋଟି ଭୋଗ ଏବଂ ମହାପ୍ରସାଦ ଲାଗିପରେ ମହାପ୍ରଭୁଙ୍କୁ ଗଜାନନ ବେଶରେ ଦେଖିଥିଲେ ସେବାୟତ। ଏହାସହିତ ସନ୍ଧ୍ୟା ପୂଜା, ସନ୍ଧ୍ୟା ଆଳତି କରାଯାଇ ପୁରୀ ଶ୍ରୀମନ୍ଦିରର ସମସ୍ତ ରୀତିନୀତି ଅନୁଯାୟୀ ମହାପ୍ରଭୁଙ୍କର ସମସ୍ତ ରୀତିନୀତି କରାଯାଇଥିଲା। ସେହିପରି ୟୁନିଟ୍-୫ ଜଗନ୍ନାଥ ମନ୍ଦିର, ୟୁନିଟ୍-୮ ଶ୍ରୀଜଗନ୍ନାଥ ମନ୍ଦିର, ଆର୍‌ସିଏମ୍ ଜଗନ୍ନାଥ ମନ୍ଦିର, ପଟିଆ ଜଗନ୍ନାଥ ମନ୍ଦିର ସମେତ ସହରର ବିଭିନ୍ନ ଶ୍ରୀଜଗନ୍ନାଥ ମନ୍ଦିରରେ ସ୍ନାନ ପୂର୍ଣ୍ଣିମା କରାଯାଇଥିଲା।



### ଭିଏସ୍‌ଏସ୍ ନଗର ସ୍ନାନ ମଣ୍ଡପରେ ତିନି ଠାକୁର

ବୀର ସୁରେନ୍ଦ୍ର ସାଏ ନଗର ଭୁବନେଶ୍ୱରୀ ମନ୍ଦିରରେ ଶନିବାର ଦେବ ସ୍ନାନ ନୀତି ଅନୁଷ୍ଠିତ ହୋଇଯାଇଛି। ଗତ ୧୭ ବର୍ଷ ଧରି ଏହି ନୀତି ଏଠାରେ ଅନୁଷ୍ଠିତ ହେଉଛି। ଶନିବାର ସକାଳ ୮.୩୦ ମିନିଟ୍‌ରେ ପହଣ୍ଡି ଆରମ୍ଭ ହୋଇ ସ୍ନାନ ମଣ୍ଡପକୁ ତିନି ଠାକୁର ବିଜେ କରିବା ପରେ ୧୧.୩୦ରେ ସ୍ନାନ ମଣ୍ଡପରେ ସମସ୍ତ ନୀତି ସମ୍ପନ୍ନ ହୋଇଥିଲା।

### ଲକ୍ଷ୍ମୀସାଗରରେ ସ୍ନାନଯାତ୍ରା

ଦେବସ୍ନାନ ପୂର୍ଣ୍ଣିମା ଅବସରରେ ଲକ୍ଷ୍ମୀସାଗର ଶ୍ରୀଶ୍ରୀ ପତିତପାବନ ମନ୍ଦିରରେ ମହାପ୍ରଭୁଙ୍କ ସ୍ନାନ ସମ୍ପନ୍ନ ହୋଇଛି। ବୈଦିକ ରୀତିନୀତି ଅନୁସାରେ ଅଗଣିତ ଶ୍ରଦ୍ଧାଳୁଙ୍କ ଗହଣରେ ଶଙ୍ଖ, ଘଣ୍ଟ, ମର୍ଦ୍ଦଳ ଓ ହୁଳହୁଳି ନିନାଦରେ ରତ୍ନ ସିଂହାସନରୁ ସ୍ନାନ ମଣ୍ଡପକୁ ଅଣାଯାଇ ଶ୍ରୀଶ୍ରୀ ପତିତପାବନ ମହାପ୍ରଭୁଙ୍କ ସ୍ନାନ ସମ୍ପନ୍ନ କରାଯାଇଛି। ସ୍ନାନ ପରେ ମହାପ୍ରଭୁ ଅଣସର ଘରେ ରହିବା ପର୍ଯ୍ୟନ୍ତ ମଲମ ଓ ଚିକିତ୍ସା ନିର୍ଦ୍ଧାରିତ ନିର୍ଘଣ୍ଟ ଅନୁସାରେ କରାଯିବାର ବ୍ୟବସ୍ଥା ହୋଇଛି।



### ସୁନ୍ଦରପଦାରେ ହାତୀ ବେଶ

ପ୍ରତିବର୍ଷ ଭଳି ଚଳିତ ବର୍ଷ ସୁନ୍ଦରପଦା ପତିତପାବନ ଦେବଙ୍କ ଅବକାଶ ମଙ୍ଗଳ ଆଳତି ନିତିକାନ୍ତି କରାଯାଇଥିଲା। ଭୋଗ ଆଳତି କରାଯିବା ପରେ ବ୍ରାହ୍ମଣମାନେ ଏକତ୍ରିତ ହୋଇ ଶ୍ରୀଜିଉଙ୍କୁ ସ୍ନାନ ମଣ୍ଡପକୁ ନେଇଥିଲେ। ସ୍ନାନ ମଣ୍ଡପରେ ପଦ୍ମ, ତୁଳସୀ, ମଲ୍ଲୀ ଇତ୍ୟାଦିରେ ଶ୍ରୀଜିଉଙ୍କୁ ବେଶ କରାଯାଇଥିଲା। ହରିହରଙ୍କ ଭେଟ ଆଳତି କରାଯାଇ ହାତୀବେଶରେ ସଜାଇଥିଲେ। ପରେ ପତିତପାବନ ଦେବଙ୍କୁ ସ୍ନାନ ମଣ୍ଡପରୁ ମନ୍ଦିର ଭିତରକୁ ନିଆଯାଇଥିଲା।



### ପତିତପାବନ ଦେବଙ୍କ ଦେବସ୍ନାନ ନୀତି

ବାଲିଅନ୍ତା, ୨୨।୬(ସମିସ): ବାଲିଅନ୍ତା ବ୍ଲକ କାକରୁଦ୍ରପୁର ପତିତପାବନ ମନ୍ଦିରରେ ପ୍ରତିବର୍ଷ ଭଳି ଚଳିତବର୍ଷର ଦେବସ୍ନାନ ନୀତି ସମ୍ପନ୍ନ ହୋଇଛି। ଏହି ଅବସରରେ ସକାଳେ ମଙ୍ଗଳ ଆଳତି, ଗୋପାଳ ବଲ୍ଲଭ, ୯ଟା ୨୦ ମିନିଟରେ ଗୋଟି ପହଣ୍ଡିରେ ସ୍ନାନ ବେଦୀକୁ ବିଜେ, ୧୦୮ କଳସ ସୁବାସିତ ଜଳରେ ମହାସ୍ନାନ, ଛେରା ପହଁରା, ୩ଟାରେ ଗଜ ବେଶ ଦର୍ଶନ ଆଦି କରାଯାଇଥିଲା। ପରେ ଡାଲ୍‌ମା, ଖେଚୁଡ଼ି ଭୋଗ ଲାଗି ସହ ସନ୍ଧ୍ୟା ଆଳତି, ଗୋଟି ପହଣ୍ଡିରେ ଅଣସର ଘର ବିଜେ ନୀତି ସମ୍ପାଦନ କରାଯାଇଥିଲା। ସରପଞ୍ଚ ସସ୍ମିତା ମଲ୍ଲିକ, ପୂର୍ବତନ ସରପଞ୍ଚ ବିଜୟ ଚାନ୍ଦ, ଟ୍ରଷ୍ଟି ନିରଞ୍ଜନ ମଙ୍ଗରାଜ, କାଳନ୍ଦୀ ପରିଡ଼ା, ଜୀବନ ପାତ୍ର, ମାଗୁଣି ପ୍ରଧାନ, ଭାସ୍କର ଦାଶ, ସନ୍ତୋଷ ପରିଡ଼ା ପ୍ରମୁଖଙ୍କ ସମେତ ଟ୍ରଷ୍ଟର ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ଦେବ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। ମୁଖ୍ୟ ପୂଜକ ଭାବେ ପ୍ରିୟବ୍ରତ ପଣ୍ଡା ସମସ୍ତ ସେବା କାର୍ଯ୍ୟ ସମ୍ପାଦନ କରିଥିଲେ।

## ବିଭିନ୍ନ ସ୍ଥାନରେ ଯୋଗ ଦିବସ

ଭୁବନେଶ୍ୱର, ୨୨।୬(ସମିସ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିସରରେ ଶୁକ୍ରବାର ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସୋଆର ଯୋଗ ପ୍ରଶିକ୍ଷକ ଅଖିଳ ଚନ୍ଦ୍ର ରଣା ଛାତ୍ରଛାତ୍ରୀଙ୍କୁ ଯୋଗାଭ୍ୟାସ କରାଇଥିଲେ। ଏଥିରେ ନ୍ୟୁରୋସର୍ଜନ ତଥା ସୋଆର ପ୍ରମୁଖ ଉପଦେଷ୍ଟା (ସ୍ୱାସ୍ଥ୍ୟ ବିଜ୍ଞାନ) ପ୍ରଫେସର ଅଶୋକ କୁମାର ମହାପାତ୍ର ଯୋଗ ଦେଇଥିଲେ।

ସେହିଭଳି ରାଜଭବନଠାରେ ଅଭିଷେକ ହଲ୍ ଠାରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ଅବସରରେ ରାଜ୍ୟପାଳ ରଘୁବର ଦାସଙ୍କ ବ୍ୟକ୍ତିଗତ ସଚିବ ହିମାଂଶୁ ନାରାୟଣ ପଟ୍ଟନାୟକ, ରାଜ୍ୟପାଳଙ୍କ ଲେଖା ନିୟନ୍ତ୍ରକ ଗୌତମ ଚୌଧୁରୀଙ୍କ ସମେତ ରାଜଭବନର କର୍ମଚାରୀମାନେ ଏଥିରେ ଅଂଶ ଗ୍ରହଣ କରିଥିଲେ। ଯୋଗଗୁରୁ ଅଜିତ୍ ରଣା ଏବଂ ନିଲୀମା ପାଲ୍ ଯୋଗ ଶିବିର ପରିଚାଳନା କରିଥିଲେ।

ଶ୍ରୀରାମ ସେବା ସଂସ୍ଥାନ ଓ ଆତ୍ମନ ଯୋଗ ମିଳିତ ଆନୁକୂଲ୍ୟରେ ଶୈଳଶ୍ରୀ ବିହାର ଦୁର୍ଗାପଡ଼ିଆ ଠାରେ ଯୋଗ ଦିବସ ପାଳିତ ହୋଇଯାଇଛି। କୃପାସିନ୍ଧୁ ଷଡ଼ଙ୍ଗୀଙ୍କ ପୌରୋହିତରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୭ ନମ୍ବର ୱାର୍ଡର କର୍ପୋରେଟର ଯଶୋଧାରା ପ୍ରଧାନ, ଶୈଳଶ୍ରୀ ବିହାର ଆବାସିକ ସଂଘର ସଭାପତି ବ୍ରଜକିଶୋର ଧୀର ଯୋଗଦେଇଥିଲେ। ଏଥିରେ ପ୍ରଶିକ୍ଷିକା ସବିତା ମହାପାତ୍ର ଯୋଗ ପ୍ରଶିକ୍ଷଣ ଦେଇଥିବା ବେଳେ ପ୍ରଭାତ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

ଭାରତୀୟ ଯୋଗ ସଂସ୍ଥାନ ଓ ଭାରତ ପେଟ୍ରୋଲିୟମ୍‌ର ମିଳିତ ସହଯୋଗରେ ସହିଦ୍‌ନଗର ସ୍ଥିତ ଇନ୍ଦିରା ପାର୍କଠାରେ ସ୍ୱତନ୍ତ୍ର ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ରାଜା ମଧୁସୂଦନ ଦେବ ଡିଗ୍ରୀ କଲେଜ ତରଫରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏଥିରେ କଲେଜର ଜାତୀୟ ସେବା ଯୋଜନା, ଯୁବ ରେଡ଼କ୍ରସ ସୋସାଇଟି, ସ୍କାଉଟ୍ ଆଣ୍ଡ ଗାଇଡସ୍, ଏନ୍.ସି.ସି ସହିତ ରାଷ୍ଟ୍ରୀୟ ଯୋଗ ସଂସ୍ଥାନ, ଯୋଗ ମହୋତ୍ସବ ସମିତିର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ଲେଜର ଅଧ୍ୟକ୍ଷ ପ୍ରଶାନ୍ତ ରାଉତ/ କଲେଜର ଉପାଧ୍ୟକ୍ଷ ଡ. ହଟକେଶ୍ୱର ସେନାପତି, ଯୋଗ ପ୍ରଶିକ୍ଷିକା ଓ ଗଣିତ ବିଭାଗର ମୁଖ୍ୟ ମଧୁସ୍ମିତା ମହାନ୍ତି, ବାଣିଜ୍ୟ ବିଭାଗର ଅଧ୍ୟାପିକା ଓ ଆଇକ୍ୟୁଏସି ତରଫରୁ ଗାର୍ଗୀ ବାନାର୍ଜୀ ଯୋଗ ଦେଇଥିଲେ।

ଏମ୍ସ ପରିସରରେ ଆୟୁଷ ବିଭାଗ ପକ୍ଷରୁ ଯୋଗ ଦିବସ ପାଳିତ ହୋଇଯାଇଛି। ଏଥିରେ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ, ଡିନ୍ ଡ. ପି ଆର୍ ମହାପାତ୍ର, ଭାରପ୍ରାପ୍ତ ମେଡିକାଲ୍ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡ଼ା, ଡିଡିଏ ଅଭିଜିତ ସରକାର, ଆୟୁଷ ବିଭାଗ ମୁଖ୍ୟ ତଥା ଏସ୍‌ଏମଓ ଡ. ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଯୋଗାଭ୍ୟାସ କରିଥିଲେ। ଯୋଗ ପ୍ରଶିକ୍ଷକ ସନ୍ତୋଷ କୁମାର ସାହୁ ଯୋଗାଭ୍ୟାସ କରାଇଥିବା ବେଳେ ଡ. ଅଜିତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

ଜେଏମ୍ ସ୍ପୋର୍ଟ୍ସ ଏକାଡେମୀରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏକାଡେମୀର ଅଧ୍ୟକ୍ଷା ମୀରାରାଣି ଦାସଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏକାଡେମୀର ସମ୍ପାଦକ ଯଶୋବନ୍ତ ଦାସ, ଆଇନ ପରାମର୍ଶଦାତା ସୁବ୍ରତ ମହାପାତ୍ର ଏଥିରେ ସହଯୋଗ କରିଥିଲେ। ବିହାରର ଯୋଗଗୁରୁ ମୀରା କୁମାରୀ ଏହି କାର୍ଯ୍ୟକ୍ରମର ପର୍ଯ୍ୟବେକ୍ଷଣ କରିଥିଲେ।

ବୀର ସୁରେନ୍ଦ୍ର ସାଏ ନଗରରେ ଥିବା ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ପକ୍ଷରୁ ସ୍ଥାନୀୟ ଭୁବନେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ 'ଅନ୍ତର୍ଜାତୀୟ ଯୋଗ ଦିବସ' ପାଳିତ ହୋଇଯାଇଛି। ଏହାକୁ ସ୍ୱାସ୍ଥ୍ୟ କେନ୍ଦ୍ରର ଯୋଗ ପ୍ରଶିକ୍ଷିକା ରଞ୍ଜିତା ନାୟକ ଓ ସ୍ଥାନୀୟ ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ପରିଚାଳନା କରିଥିଲେ।

**ବାଲିଅନ୍ତା:** ବାଲିଅନ୍ତା ପଞ୍ଚାୟତ ସମିତି ଓ ତହସିଲ କାର୍ଯ୍ୟାଳୟ ଆନୁକୂଲ୍ୟରେ ବାଳକାଟି ଜ୍ଞାନଦେବୀ କଲ୍ୟାଣ ମଣ୍ଡପ ସଭା କକ୍ଷରେ ଆନ୍ତର୍ଜାତୀୟ ଯୋଗ ଦିବସ ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ପବିତ୍ର କୁମାର ସାମଲ, ତହସିଲଦାର ବିମଳ କୁମାର ଲେଙ୍କା, ସ୍ଥାନୀୟ ସରପଞ୍ଚ ରୀନାରାଣୀ ବେହେରା, ସମିତି ସଭ୍ୟ ଗଙ୍ଗାଧର ମାହାରି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବାଳକାଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ତନ୍ମୟ ତ୍ରିପାଠୀ, ପିଏଚଇଓ ସନ୍ତୋଷ ସେଠୀ, ସୁପରଭାଇଜର ରାଜେନ୍ଦ୍ର ମଲ୍ଲିକ, ରାଜସ୍ୱ ନିରୀକ୍ଷକ ସାରଦା ପ୍ରସନ୍ନ ପତି, ଦୁଃଖିଶ୍ୟାମ ସ୍ୱାଇଁ, ଦିଲ୍ଲୀପ ମାର୍ଥା, ବ୍ରହ୍ମଲାଭ ହରିଚନ୍ଦନ ମହାପାତ୍ର, ଦିଲ୍ଲୀପ ପାତ୍ର ଯୋଗ ଦେଇଥିଲେ।

**ଝାଁଳା:** ଆର୍ନ୍ତଜାତୀୟ ଯୋଗ ଦିବସ ଅବସରରେ ମୁଣ୍ଡମୁହାଣ ସ୍ୱାମୀ ବିବେକାନନ୍ଦ ପ୍ରଭାତ ଶାଖା ସଂଘ ଚାଳକ ସୁଧାଂଶୁ ଶେଖର ପଟ୍ଟନାୟକ ଓ ଶାଖା ଖଣ୍ଡ କାର୍ଯ୍ୟବାହ ଅଭୟ ସ୍ୱାଇଁଙ୍କ ନେତୃତ୍ୱରେ ପ୍ରାୟ ୬୦ ଜଣ ରାଷ୍ଟ୍ରୀୟ ସ୍ୱୟଂସେବକ ଅଂଶ ଗ୍ରହଣ କରିଥିଲେ। ସେହିଭଳି ଓଗାଳପଡ଼ା ଗଡ଼ସାହି ଖେଳ ପଡ଼ିଆରେ ଝାଁଳାର ପୂର୍ବତନ ସରପଞ୍ଚ ପ୍ରଦୋଷ କୁମାର ଜେନାଙ୍କ ନେତୃତ୍ୱରେ ଯୋଗ ଦିବସ ପାଳିତ ହୋଇଯାଇଛି।

**ନନ୍ଦନକାନନ:** ନରଣପୁରସ୍ଥିତ ମହାବୀର ସ୍ପୋର୍ଟିଂ କ୍ଲବ୍ ଖେଳ ପଡ଼ିଆରେ ବାରଙ୍ଗ ପତଞ୍ଜଳି ଯୋଗ ସମିତି ପରିବାର ପକ୍ଷରୁ ୧୦ମ ଯୋଗ ଦିବସ ପାଳିତ ହୋଇଯାଇଛି। ବାରଙ୍ଗ ପତଞ୍ଜଳି ପ୍ରଭାରୀ ସନ୍ତୋଷ କୁମାର ପାଣିଙ୍କ ସଭାପତିତ୍ୱରେ ଆୟୋଜିତ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ପ୍ରବଚକ ଡ. ଲିଙ୍ଗରାଜ ପତି, ଯୋଗଗୁରୁ ଅଚ୍ୟୁତାନନ୍ଦ ବେହେରା, ବିଜୟ ପଣ୍ଡା ଯୋଗ ଦେଇଥିଲେ। ପତଞ୍ଜଳି ସଂଯୋଜନା କମିଟି ସଭ୍ୟ ସୁରେଶ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ପ୍ରବୀର ସ୍ୱାଇଁ ଓ ଯୋଗ ଶିକ୍ଷାର୍ଥୀ ଶୀକାନ୍ତ ସୌରଭ ମହାନ୍ତି ମଞ୍ଚରେ ଯୋଗ ଅଭ୍ୟାସ କରାଇଥିଲେ।

## ସୁବର୍ଣ୍ଣ ଜୟନ୍ତୀରେ 'ଚଲାପଥ ସମ୍ମାନ' ପ୍ରଦାନ

ଭୁବନେଶ୍ୱର, ୨୨।୬(ସମିସ): ଚଲାପଥର ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପନୀ ଉତ୍ସବ ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସିନେ ସଂଳାପ ଲେଖକ ଡ. ରଜନୀ ରଞ୍ଜନଙ୍କ ସମେତ, ବରିଷ୍ଠ ସାମ୍ବାଦିକ ଶଶୀଭୂଷଣ ସାହୁ, ମାଧବାନନ୍ଦ ବେହୁରା, ଜିତେନ୍ଦ୍ର ପଟ୍ଟନାୟକ, ପାର୍ଥସାରଥି ଜେନା, ହିମାଂଶୁ ସିଂହ ଓ ଅନ୍ୟାନ୍ୟ ସଫଳ ସାରସ୍ୱତ ବ୍ୟକ୍ତିଙ୍କୁ ଚଲାପଥ ସମ୍ମାନ ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ପଦ୍ମଶ୍ରୀ ଡକ୍ଟର ଦେବୀ ପ୍ରସନ୍ନ ପଟ୍ଟନାୟକ ଯୋଗଦେଇ ସୁବର୍ଣ୍ଣ ଜୟନ୍ତୀ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ଅତିଥି ଭାବେ ବରିଷ୍ଠ ସାହିତ୍ୟିକା ପ୍ରଫେସର ଡକ୍ଟର ଅର୍ଚ୍ଚନା ନାୟକ ଓ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପ୍ରଫେସର ଡକ୍ଟର ସଙ୍ଘମିତ୍ରା ଭଞ୍ଜ ଯୋଗଦେଇଥିଲେ। ଚଲାପଥର ପ୍ରତିଷ୍ଠାତା ସମ୍ପାଦକ ସାମ୍ବାଦିକ ହଳଧର ଧୀର ସ୍ୱାଗତ ଭାଷଣ ଦେଇଥିବାବେଳେ କବି ନିରାକାର ଦାସ, ଚଲାପଥର ଉପସଭାପତି ଭୂବନ ମୋହନ ମହାନ୍ତି, ପ୍ରଫେସର ଡକ୍ଟର ଗୀତାଶ୍ରୀ ପ୍ରିୟମ୍ବଦା, ଚଲାପଥର ସଭାପତି ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। 'ଚଲାପଥ' ଓ ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକଙ୍କ ପୁସ୍ତକ 'ଜଗନ୍ନାଥ ଧାମରୁ ପଶୁପତି ନାଥ' ଏବଂ ସଲିଳା ମହାନ୍ତିଙ୍କ ପୁସ୍ତକ 'ଅଜଣା ଗଛ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା।



## 'ସୁରେନ୍ଦ୍ର ରଚନା ସମଗ୍ର: ଗଳ୍ପ-୨' ଉନ୍ମୋଚିତ

ଭୁବନେଶ୍ୱର, ୨୨।୬(ସମିସ): ସୁରେନ୍ଦ୍ର ମହାନ୍ତିଙ୍କୁ ଛାଡ଼ି ଓଡ଼ିଆ ସାହିତ୍ୟର ଯେକୌଣସି ବିଭାଗରେ କିଛି ଆଲୋଚନା ସମ୍ଭବ ନୁହେଁ। 'ସୁରେନ୍ଦ୍ର ରଚନା ସମଗ୍ର: ଗଳ୍ପ-୨' ପୁସ୍ତକ ଉନ୍ମୋଚନ ଉତ୍ସବରେ ଯୋଗଦେଇ ସାହିତ୍ୟିକ ଦେବୀପ୍ରସନ୍ନ ପଟ୍ଟନାୟକ ଏହା କହିଛନ୍ତି। ସ୍ୱର୍ଗତ ମହାନ୍ତିଙ୍କ ୧୦୨ତମ ଜୟନ୍ତୀ ଅବସରରେ ଆମ ଓଡ଼ିଶା ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ କାର୍ଯ୍ୟକ୍ରମରେ ସୁରେନ୍ଦ୍ର ମହାନ୍ତିଙ୍କ କନ୍ୟା ଲୋପାମୁଦ୍ରା ମହାନ୍ତି ଯୋଗଦେଇ ଓଡ଼ିଆ ସାହିତ୍ୟ ଜଗତକୁ ସୁରେନ୍ଦ୍ରଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ସୁରେନ୍ଦ୍ରଙ୍କ ଦ୍ୱାରା ରଚିତ 'ନରୋତ୍ତମ ଚକଡ଼ା'କୁ ପୁଣିଥରେ ପ୍ରକାଶ କରିବାକୁ ପ୍ରସ୍ତାବ ରଖିଥିଲେ। ଉତ୍ସବରେ ଆମ ଓଡ଼ିଶା ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ, 'ପୌରୁଷ'ର ସମ୍ପାଦକ ଅସିତ ମହାନ୍ତି, ଆମ ଓଡ଼ିଶା ସମ୍ପାଦକ ଅରବିନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ 'ସୁରେନ୍ଦ୍ର ରଚନା ସମଗ୍ର: ଗଳ୍ପ-୨' ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ କଥାକାର ଗୌରହରି ଦାସ, ଅବସରପ୍ରାପ୍ତ ପ୍ରଶାସକ ଅରବିନ୍ଦ ବେହେରା, ସାହିତ୍ୟିକ ଦାଶ ବେନହୁର, ଅଧ୍ୟାପକ ବିଶ୍ୱରଞ୍ଜନ, ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଡ. ଗୋବିନ୍ଦ ଚାନ୍ଦ ଧନ୍ୟବାଦ ଦେଇଥିଲେ।

# ମୁକୁଳା ପଡ଼ିଛି ରାଜପଥ କଡ଼ ଡ୍ରେନ୍

ଭୁବନେଶ୍ୱର, ୨୨।୬(ସମିସ): ରାଜଧାନୀର ବିଭିନ୍ନ ଡ୍ରେନ୍‌କୁ ଏବେ ବି ମୁକୁଳା ପଡ଼ିଛି। କଲୋନୀ, ଗଳି କିମ୍ବା ବସ୍ତି ଅଞ୍ଚଳରେ ନୁହେଁ ବରଂ ଜାତୀୟ ରାଜପଥ କଡ଼ରେ ଏଭଳି ଦୃଶ୍ୟ ଦେଖିବାକୁ ମିଳୁଛି। କସ୍‌ମୋପଲିସ ଠାରୁ ପାତ୍ରପଡ଼ା ପର୍ଯ୍ୟନ୍ତ ସର୍ଭିସ ରୋଡ୍‌ରେ ବହୁ ସ୍ଥାନରେ ଜାତୀୟ ରାଜପଥକଡ଼ରେ ଥିବା ମୁକୁଳା ଡ୍ରେନ୍ ବିପଦର କାରଣ ପାଲଟିଛି। ଏଥିରେ ପଡ଼ି ଅନେକ ଆହତ ହୋଇଥିବାର ନଜିର୍ ମଧ୍ୟ ରହିଛି। ତେବେ ଆଗକୁ ବର୍ଷା ଆସୁଥିବାରୁ ଏହି ପରିସ୍ଥିତି ଅଧିକ ଜଟିଳ ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ।

କସ୍‌ମୋପଲିସ ଠାରୁ ପାତ୍ରପଡ଼ା ସର୍ଭିସ ରୋଡ୍ ଉପରେ ପାତ୍ରପଡ଼ା, ଭଗବାନପୁର, ଆଇଗିଣିଆ, ଉଦୟଗିରି ବିହାର, କଳିଙ୍ଗ ବିହାର, ତମାଣ୍ଡୋ ଅଞ୍ଚଳର ୫୦ ହଜାରୁ ଅଧିକ ନିର୍ଭର କରୁଛନ୍ତି। ଏହାବ୍ୟତୀତ ଭୁବନେଶ୍ୱରରୁ ଖୋର୍ଦ୍ଧା ଆଡ଼କୁ ଯାଉଥିବା 'ମୋ ବସ୍' ଠାରୁ ଆରମ୍ଭ କରି ହଜାର ହଜାର ସଂଖ୍ୟାରେ ଯାତ୍ରୀ ଏହି ରାସ୍ତାକୁ ନିୟମିତ ବ୍ୟବହାର କରୁଛନ୍ତି। ଏପରିସ୍ଥଳେ ରାସ୍ତା କଡ଼ ୪ ଫୁଟ୍‌ରୁ ୬ ଫୁଟ୍ ପର୍ଯ୍ୟନ୍ତ ଅର୍ଦ୍ଧନିର୍ମିତ ଡ୍ରେନ୍ ଅନ୍ଧାରରେ ଦୃଶ୍ୟମାନ ହେଉନାହିଁ। ସ୍ୱଳ୍ପ ବର୍ଷାରେ ଏହି ଖାଲଗୁଡ଼ିକରେ ପାଣି ଜମିଯିବାରୁ ରାସ୍ତା-ଡ୍ରେନ୍ ଏକାକାର ହୋଇଯାଇଛି। ଅଧିକ ବର୍ଷା ହେଲେ ସମ୍ପୂର୍ଣ୍ଣ ଭରିଯିବ। ବର୍ଷା ବେଳେ ଜଣାପଡ଼ିବନି କେଉଁଠି ଖାଲ ଅଛି ଆଉ କେଉଁଠି କଂକ୍ରିଟ କିମ୍ବା ମାଟି ଅଛି। ଫଳରେ ଦୁର୍ଘଟଣା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ।



ସୂଚନାଯୋଗ୍ୟ ଦୀର୍ଘଦିନ ହେବ ଏଠାରେ ଡ୍ରେନ୍ ନିର୍ମାଣ କାର୍ଯ୍ୟ ଚାଲିଛି। ଏଣୁ ରାସ୍ତାର ବାମ ପାର୍ଶ୍ୱକୁ ଅନେକ ସ୍ଥାନରେ ଖୋଳି ଦିଆଯାଇଛି। ତୁରନ୍ତ ନିର୍ମାଣ କରିବା ବଦଳରେ ବହୁଦିନ ଧରି ଖାଲି ଛାଡ଼ି ଦିଆଯାଉଛି। ଅପରପକ୍ଷେ ଖୋଳାଯାଇଥିବା ସ୍ଥାନକୁ ଅସ୍ଥାୟୀ ଭାବେ ଆବଦ୍ଧ କରା ଯାଇନାହିଁ। ସେହିଭଳି କାମ ଚାଲୁଥିବା ନେଇ କୌଣସି ସୂଚନା ଫଳକ ଲଗାଯାଇନାହିଁ। ଶନିମନ୍ଦିର ଅଣ୍ଡର ପାସ୍ ନିକଟସ୍ଥ ନିର୍ମାଣାଧୀନ ଡ୍ରେନର ବିଶାଳ ଖୋଲକୁ ନେଇ ଜଣେ ସୋସିଆଲ ମିଡ଼ିଆ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହା ସହ ଜାତୀୟ ରାଜପଥ କଡ଼ରେ ଥିବା ସମସ୍ତ ଡ୍ରେନ୍‌କୁ ତୁରନ୍ତ ଅସ୍ଥାୟୀ ବ୍ୟାରିକେଡିଂ କିମ୍ବା ନିର୍ମାଣ ଶେଷ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୩୫ ● ପାଉଣ୍ଡ ୧୦୫.୯୨
- ୟୁରୋ ୮୯.୮୮ ● ୟେନ୍ ୦.୫୨

## ସୁନା, ରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୭୬,୫୦୦ (ନୂଆଦିଲ୍ଲୀ)
- ରୁପା : ୯୨,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୭,୨୦୯.୦୦
- ନିଫ୍ଟି ୨୩,୫୦୧.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



## ଆଇଜିଆଇ ବିମାନ ବନ୍ଦରରେ ଫାଷ୍ଟ ଟ୍ରାକ ଇମିଗ୍ରେସନ ସେବା ଆରମ୍ଭ

ନୂଆଦିଲ୍ଲୀ,୨୨।୬(ଏଜେନ୍ସି): ନୂଆଦିଲ୍ଲୀସ୍ଥିତ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାବନ ବନ୍ଦରରେ ଇମିଗ୍ରେସନ ବ୍ୟବସ୍ଥାକୁ ସକ୍ରିୟ କରିବା ପାଇଁ ଫାଷ୍ଟ ଟ୍ରାକ ଇମିଗ୍ରେସନ ଟଷ୍ଟେଡ ଟ୍ରାଭେଲ ପ୍ରୋଗ୍ରାମ ଆରମ୍ଭ କରାଯାଇଛି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଏହି ଅବ୍ୟବସ୍ତାର ଶୁଭାରମ୍ଭ କରିଛନ୍ତି। ଏଥିରେ ଯାତ୍ରୀମାନଙ୍କର ଭ୍ରମଣ ଅଭିଜ୍ଞତା ସକ୍ରିୟ, ସହଜ ଏବଂ ସୁରକ୍ଷିତ ହେବ। ଏଫଟିଆଇ-ଟିଟିପି କେନ୍ଦ୍ର ସରକାରଙ୍କ ଏକ ପଦକ୍ଷେପ। ଏହାର ଉଦ୍ଦେଶ୍ୟ ଭାରତୀୟ ନାଗରିକଙ୍କ ଏବଂ ଓଭରସିଜ ସିଟିଜେନ ଅଫ ଇଣ୍ଡିଆ କାର୍ଡଧାରକଙ୍କ ସୁବିଧା ଉପଲବ୍ଧ କରିବା। ଏହି ସିଷ୍ଟମରେ ଯାତ୍ରା ସୁବିଧା ଏବଂ ଦକ୍ଷତାରେ ବୃଦ୍ଧି ଘଟିବ। ଏହାର ଲାଭ ନେବା ପାଇଁ ଲୋକଙ୍କୁ ଅନଲାଇନ ଆବେଦନ କରିବାକୁ ପଡିବ। ଆପ୍ଲିକେସନ ଫର୍ମରେ ସମସ୍ତ ଆବଶ୍ୟକ ସୂଚନା ସହ ନିଜ ବାୟୋମେଟ୍ରିକ ଜମା କରିବାକୁ ପଡିବ। ଭେରିଫିକେସନ ପରେ ରେଜିଷ୍ଟ୍ରେସନ ପୂରଣ କରାଯିବ। ଏଥିସହ ନନ ରିଫଣ୍ଡେବଲ ପ୍ରୋସେସିଙ୍ଗ ଚାର୍ଜ ମଧ୍ୟ ଜମା କରିବାକୁ ପଡିବ।

### ୫୩ତମ ଜିଏସ୍‌ଟି ପରିଷଦ ବୈଠକରେ ଅର୍ଥମନ୍ତ୍ରୀଙ୍କ ଆଶ୍ୱାସନା

# ଠିକ୍ ସମୟରେ ମିଳିବ ଜିଏସ୍‌ଟି କ୍ଷତିପୂରଣ

ନୂଆଦିଲ୍ଲୀ,୨୨।୬(ଏଜେନ୍ସି)

କେନ୍ଦ୍ର ଅର୍ଥ ଓ କର୍ପୋରେଟ୍ ବ୍ୟାପାର ମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ଆଜି ନୂଆଦିଲ୍ଲୀରେ ୫୩ତମ ଜିଏସଟି ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ଉପସ୍ଥିତ ଥିଲେ। ବୈଠକରେ ଅର୍ଥମନ୍ତ୍ରୀ ଠିକ୍ ସମୟରେ ରାଜ୍ୟ ଅଂଶବାବଦ ଟିକସ ଅର୍ଥର ଆବଣ୍ଟନ, ଅର୍ଥ ଆୟୋଗ ଅନୁଦାନ ଏବଂ ରାଜ୍ୟଗୁଡ଼ିକୁ ମିଳୁଥିବା ଜିଏସ୍‌ଟି କ୍ଷତିପୂରଣ ବାବଦ ଅର୍ଥ ପ୍ରଦାନ ନେଇ ଆଶ୍ୱାସନା ଦେଇଥିଲେ। ଏତଦ୍‌ବ୍ୟତୀତ



ଜିଏସଟି ପରିଷଦ ଅନ୍ୟାନ୍ୟ ବିଷୟ ସହିତ ଜିଏସଟି ଟିକସ ହାରରେ ପରିବର୍ତ୍ତନ, ବାଣିଜ୍ୟ ସୁବିଧା ପାଇଁ ପଦକ୍ଷେପ ଏବଂ ଜିଏସଟିରେ ଅନୁପାଳନକୁ ସୁବ୍ୟବସ୍ଥିତ କରିବା ପାଇଁ ପଦକ୍ଷେପ ସମ୍ପର୍କରେ ନିମ୍ନଲିଖିତ ସୁପାରିସ କରିଥିଲା। ନିର୍ଦ୍ଦିଷ୍ଟ ସର୍ତ୍ତାବଳୀ ଅନୁଯାୟୀ ଏମଆରଓ କାର୍ଯ୍ୟକଳାପକୁ ପ୍ରୋତ୍ସାହନ ପ୍ରଦାନ କରିବା ପାଇଁ ଏଚଏସ ବର୍ଗୀକରଣ ନିର୍ବିଶେଷରେ ବିମାନର ପାର୍ଟସ୍, ଯନ୍ତ୍ରାଂଶ, ପରୀକ୍ଷଣ ଉପକରଣ, ଉପକରଣ ଏବଂ ଟୁଲ୍-କିଟ୍ ଆମଦାନୀ ପାଇଁ ୫% ଆଇଜିଏସଟି ସମାନ ହାର ଲାଗୁ ହେବ। ପ୍ରତିରକ୍ଷା ବାହିନୀ ପାଇଁ ନିର୍ଦ୍ଦିଷ୍ଟ ସାମଗ୍ରୀ ଆମଦାନୀ ଉପରେ ଆଇଜିଏସଟି ଛାଡ଼କୁ ଆଉ ପାଞ୍ଚ ବର୍ଷ ପାଇଁ ୨୦୨୯ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।

ସେହିପରି ପ୍ରତିରକ୍ଷା ମନ୍ତ୍ରଣାଳୟ ଅଧୀନରେ ଥିବା ୟୁନିଟ୍ କ୍ୟାଣ୍ଟିନ୍ ଦ୍ୱାରା ଅନୁମୋଦିତ ଗ୍ରାହକମାନଙ୍କୁ ଏରେଟେଡ୍ ପାନୀୟ ଏବଂ ଏନର୍ଜି ଡ୍ରିଙ୍କ୍ ଯୋଗାଣ ଉପରେ କ୍ଷତିପୂରଣ ସେସ୍ ଛାଡ଼ କରାଯାଇଛି। ଭାରତୀୟ ପ୍ରତିରକ୍ଷା ବାହିନୀ ପାଇଁ ଆମଦାନୀ କରାଯାଇଥିବା ଏକେ-୨୦୩ ରାଇଫଲ କିଟ୍ ପାଇଁ ବୈଷୟିକ ଦସ୍ତାବିଜ ଆମଦାନୀ ଉପରେ ଆଡହକ୍ ଆଇଜିଏସଟି ଛାଡ଼ ପ୍ରସ୍ତାବ ରହିଛି। ନିଷ୍ପତ୍ତି ଅନୁଯାୟୀ, ଜିଏସଟି ପରିଷଦ ଦୁଗ୍ଧ କ୍ୟାନ୍ (ଇସ୍ପାତ, ଲୁହା, ଆଲୁମିନିୟମ), କାର୍ଟୁନ୍, ବକ୍ସ ଏବଂ ଉଭୟ ଆବରଣଯୁକ୍ତ ଏବଂ ଅଣ-ଆବରଣଯୁକ୍ତ କାଗଜ କିମ୍ବା କାଗଜ-ବୋର୍ଡ, ଏକକ କିମ୍ବା ଦ୍ୱିତୀୟ ଶକ୍ତି ଉତ୍ସର ସୌର କୁକର; ଅଗ୍ନି ଜଳ ସିଞ୍ଚନ ଯନ୍ତ୍ର ସମେତ ସିଞ୍ଚନ ଯନ୍ତ୍ର ଉପରେ ୧୨% ଜିଏସଟି ଲାଗୁ କରିବାକୁ ସୁପାରିସ କରାଯାଇଛି। ୨୦୧୭-୧୮, ୨୦୧୮-୧୯ ଏବଂ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ସମ୍ପୂର୍ଣ୍ଣ ଟିକସ ୨୦୨୫ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ପ୍ରଦାନ କରାଯାଇଥିଲେ ସିଜିଏସଟି ଆଇନର ଧାରା ୭୩ (ଅର୍ଥାତ୍ ଠକେଇ, ଚାପ କିମ୍ବା ଜାଣିଶୁଣି ଭୁଲ ବୟାନ ଇତ୍ୟାଦି ମାମଲା) ଅଧୀନରେ ଜାରି କରାଯାଇଥିବା ଡିମାଣ୍ଡ ନୋଟିସ୍ ପାଇଁ ସୁଧ ଏବଂ ଜରିମାନା ଛାଡ଼ କରିବାକୁ ସୁପାରିସ କରାଯାଇଛି। ମାମଲା ବୋଝ କମାଇବା ପାଇଁ ବିଭାଗ ଦ୍ୱାରା ଅପିଲ ଦାଖଲ ନିମନ୍ତେ ଜିଏସଟି ଅପିଲ ଟ୍ରିବ୍ୟୁନାଲ ଲାଗି ୨୦ ଲକ୍ଷ ଟଙ୍କା, ହାଇକୋର୍ଟ ପାଇଁ ୧ କୋଟି ଟଙ୍କା ଏବଂ ସୁପ୍ରିମକୋର୍ଟ ଲାଗି ୨ କୋଟି ଟଙ୍କା ଆର୍ଥିକ ସୀମା ଧାର୍ଯ୍ୟ କରାଯାଇଛି। ଜିଏସଟି ଅଧୀନରେ ଅପିଲ ଦାଖଲ ପାଇଁ ଦାଖଲ କରିବାକୁ ଥିବା ପ୍ରି-ଡିପୋଜିଟ୍ ପରିମାଣ ହ୍ରାସ କରିବାକୁ ମଧ୍ୟ ଏଥିରେ ପରିଷଦ ସୁପାରିସ କରିଛି। ଜିଏସଟି ପରିଷଦ ଆଜି ସିଜିଏସଟି ଆଇନର ବ୍ୟବସ୍ଥାରେ ସଂଶୋଧନ କରିବାକୁ ସୁପାରିସ କରିଛି, ଯେଉଁଥିରେ ସରକାର ବିଜ୍ଞପ୍ତି ପ୍ରକାଶ କରିବା ତାରିଖ ଠାରୁ ଜିଏସଟି ଆପିଲେଟ୍ ଟ୍ରିବ୍ୟୁନାଲରେ ଆବେଦନ ଦାଖଲ ପାଇଁ ତିନି ମାସର ଅବଧି ଆରମ୍ଭ ହେବ। ଟିକସଦାତାଙ୍କ ସୁଧ ବୋଝକୁ କମ୍ କରିବା ପାଇଁ ରିଟର୍ଣ୍ଣ ଫାଇଲ କରିବାର ନିର୍ଦ୍ଧାରିତ ତାରିଖରେ ଇଲେକ୍ଟ୍ରୋନିକ୍ କ୍ୟାସ୍ ଲେଜର (ଇସିଏଲ)ରେ ଉପଲବ୍ଧ ରାଶି ଉପରେ ଉକ୍ତ ରିଟର୍ଣ୍ଣ ଫାଇଲ କରିବାରେ ବିଳମ୍ବ ହେଲେ ସିଜିଏସଟି ଆଇନର ଧାରା ୫୦ ଅନୁଯାୟୀ ସୁଧ ଆଦାୟ ନ କରିବାକୁ ନିଷ୍ପତ୍ତି ହୋଇଛି।

## ବନ୍ଧନ ନିଫ୍ଟି ଟୋଟାଲ ମାର୍କେଟ ଇଣ୍ଡେକ୍ସ ଫଣ୍ଡ ଆରମ୍ଭ

ମୁମ୍ବଇ,୨୨।୬(ଏଜେନ୍ସି): ବନ୍ଧନ ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ ନିଫ୍ଟି ଟୋଟାଲ ମାର୍କେଟ ଇଣ୍ଡେକ୍ସକୁ ଟ୍ରାକ୍ କରୁଥିବା ଏକ ଓପନ୍-ଏଣ୍ଡେଡ୍ ଇଣ୍ଡେକ୍ସ ସ୍କିମ ବନ୍ଧନ ନିଫ୍ଟି ଟୋଟାଲ ମାର୍କେଟ ଇଣ୍ଡେକ୍ସ ଫଣ୍ଡ ଶୁଭାରମ୍ଭ କରାଯାଇଛି। ଏହି ଫଣ୍ଡ ନିବେଶକମାନଙ୍କୁ ଏକ ବହୁମୁଖୀ ପୋର୍ଟଫୋଲିଓରେ ନିବେଶ କରିବା ପାଇଁ ସୁଯୋଗ ଦେଉଛି, ଯେଉଁଥିରେ ଭାରତୀୟ ଇକ୍ୱିଟି ବଜାରର ୯୫%ର ପ୍ରତିନିଧିତ୍ୱ କରୁଥିବା ଲାର୍ଜ, ମିଡ୍, ସ୍ମଲ ଓ ମାଇକ୍ରୋ କ୍ୟାପ୍ସରେ ୭୫୦ଟି ଷ୍ଟକ୍ ଅନ୍ତର୍ଭୁକ୍ତ ରହିଛି। ଏହି ନୂଆ ଫଣ୍ଡ ଅଫର୍ (ଏନ୍‌ଏଫ୍‌ଓ) ଆସନ୍ତା ସୋମବାର, ଜୁନ୍ ୨୪ରେ ଖୋଲିବ ଏବଂ ଶୁକ୍ରବାର, ଜୁଲାଇ ୫ ତାରିଖ ୨୦୨୪ରେ ବନ୍ଦ ହେବ। ନିଫ୍ଟି ଟୋଟାଲ ମାର୍କେଟ ଇଣ୍ଡେକ୍ସ ରଣନୀତିକୁ ବିଚାର କରିବା ପାଇଁ ପ୍ରମୁଖ କାରଣଗୁଡିକୁ ହାଇଲାଇଟ କରି ବନ୍ଧନ ଏଏମ୍‌ସିର ସିଇଓ ବିଶାଲ କପୁର କହିଛନ୍ତି, ଟୋଟାଲ ମାର୍କେଟ ଫଣ୍ଡ ବିଷୟବସ୍ତୁ ଏହାର ସରଳତା ଓ ବ୍ୟାପକ କଭରେଜ ପାଇଁ ଆନ୍ତର୍ଜାତୀୟ ସ୍ତରରେ ଲୋକପ୍ରିୟତା ହାସଲ କରିଥିବା ବେଳେ ବିଶ୍ୱର କିଛି ସର୍ବବୃହତ୍ ଇଟିଏଫ୍‌ଗୁଡିକ ବର୍ତ୍ତମାନ ଟୋଟାଲ ମାର୍କେଟ ଫଣ୍ଡ ଅଟନ୍ତି। ନିଫ୍ଟି ଟୋଟାଲ ମାର୍କେଟ ଇଣ୍ଡେକ୍ସ ଏକ ବର୍ଷ ମଧ୍ୟରେ ୦.୮୮ ତୁଳନାରେ ୩.୭୭ର ଉତମ ବିପଦ-ନିୟନ୍ତ୍ରିତ ରିଟର୍ଣ୍ଣ ଏବଂ ୩, ୫ ଓ ୧୦ ବର୍ଷରେ ସମାନ ସ୍ତରର ଉତମ ଫଳାଫଳ ସହିତ ନିଫ୍ଟି ୫୦କୁ ପଛରେ ପକାଇଛି।

## ଆମୱେ ଇଣ୍ଡିଆ ପାଳନ କଲା ଆନ୍ତର୍ଜାତିକ ଯୋଗ ଦିବସ



ଭୁବନେଶ୍ୱର,୨୨।୬(ସମିସ) : ଅନ୍ୟତମ ଅଗ୍ରଣୀ ସ୍ୱାସ୍ଥ୍ୟ ଓ କଲ୍ୟାଣକାରୀ କମ୍ପାନୀ ଆମୱେ ଇଣ୍ଡିଆ ସୁସ୍ଥ ଜୀବନକୁ ପ୍ରୋତ୍ସାହିତ କରିବା ଦିଗରେ ନିଜର ଏକନିଷ୍ଠ ପ୍ରତିବଦ୍ଧତା ସହିତ ଯୋଗ ଓ ପୁଷ୍ଟିସାଧନର ଅବାଧ ସମନ୍ୱୟ ଜରିଆରେ ପୂର୍ଣ୍ଣାଙ୍ଗ ସ୍ୱାସ୍ଥ୍ୟର ସର୍ବାଧିକ ଗୁରୁତ୍ୱ ଉପରେ ପ୍ରାଧାନ୍ୟ ଦେଇ ଆନ୍ତର୍ଜାତିକ ଯୋଗ ଦିବସ ପାଳନ କରିଛି। ପ୍ରାତଃକାଳୀନ ନିୟମିତ କାର୍ଯ୍ୟରେ ଯୋଗ ଓ ଧ୍ୟାନପୂର୍ବକ ଖାଇବାକୁ ସାମିଲ କରିବା ଏହି ପ୍ରୟାସର ଲକ୍ଷ୍ୟ, ଯାହା ଦିନର ଅବଶିଷ୍ଟ ସମୟ ପାଇଁ ଏକ ସକାରାତ୍ମକ ଭାବନା ଜାଗ୍ରତ କରିବା ଏବଂ ଉଭୟ ଶାରୀରିକ ଏବଂ ମାନସିକ କଲ୍ୟାଣରେ ସହାୟକ ହୋଇପାରିବ। ଏହି ପ୍ରୟାସର ଅଂଶସ୍ୱରୂପ, ଆମୱେ ଇଣ୍ଡିଆ ଏକାଧିକ ଶାରୀରିକ ଏବଂ ଆଧ୍ୟାତ୍ମିକ ଭର୍ଚୁଆଲ ଯୋଗ କାର୍ଯ୍ୟକ୍ରମ ଓ ତାହାସହିତ ବିଶାରଦ ବକ୍ତାଙ୍କ କାର୍ଯ୍ୟକ୍ରମ ଆୟୋଜନ କରିବା ସହିତ ସମଗ୍ର ଦେଶରେ ପ୍ରାୟ ୪୦୦୦ ଫିଟ୍‌ନେସ୍ ଆଗ୍ରହୀଙ୍କ ନିକଟରେ ପହଞ୍ଚିଥିଲା। ଏହି ଅବସରରେ ପ୍ରକାଶ କରି ଚନ୍ଦ୍ର ଚକ୍ରବର୍ତ୍ତୀ, ସିନିୟର ଭାଇସ୍ ପ୍ରେସିଡେଣ୍ଟ ଇଷ୍ଟ ଆଣ୍ଡ ୱେଷ୍ଟ, ଆମୱେ କହିଥିଲେ, "ସାମଗ୍ରିକ ସ୍ୱାସ୍ଥ୍ୟ ଏବଂ କଲ୍ୟାଣର ସପକ୍ଷବାଦୀ ଭାବରେ ଆମେ ଯୋଗକୁ ସାମଗ୍ରିକ କଲ୍ୟାଣ ଉପରେ ପ୍ରାଧାନ୍ୟ ଦେଇ ବିଶ୍ୱସ୍ତରରେ ପ୍ରସାରିତ କରିବା ପ୍ରୟାସ ନିମନ୍ତେ ଭାରତ ସରକାରଙ୍କ ପ୍ରୟାସକୁ ପ୍ରଶଂସା କରୁଛୁ। ଯୋଗ ଓ ଖାଦ୍ୟ ମଧ୍ୟରେ ରହିଥିବା ଆନ୍ତଃସମ୍ପର୍କ, ବିଶେଷକରି ଦିନର ପ୍ରଥମ ଖାଦ୍ୟ, ଭାରତରେ ଯୋଗାଭ୍ୟାସକାରୀଙ୍କ ଉପରେ ଅଧ୍ୟୟନରୁ ସ୍ପଷ୍ଟ ପ୍ରତିପାଦିତ ହେଉଛି। ଏହି ଅଧ୍ୟୟନରୁ ଜଣାଯାଇଛି ଯେ ୬୫% ଯୋଗାଭ୍ୟାସକାରୀ ସେମାନଙ୍କ ଯୋଗାଭ୍ୟାସ ଆରମ୍ଭ କରିବା ପରେ ନିଜ ଖାଦ୍ୟରେ କିଛି ନିର୍ଦ୍ଦିଷ୍ଟ ଖାଦ୍ୟ ଅଥବା ପାନୀୟ ସାମିଲ କରିଥିଲେ।

## ଆମାଜନ ବିଜନେସ୍ ଭାଲ୍ୟୁ ଡେଜ୍ ଘୋଷଣା

ବେଙ୍ଗାଲୁରୁ, ୨୨।୬(ଏଜେନ୍ସି): ଆମାଜନ ବିଜନେସ୍ ଜୁନ୍ ୨୪ ରୁ ୩୦ ତାରିଖ ପର୍ଯ୍ୟନ୍ତ ସମସ୍ତ ବ୍ୟବସାୟିକ ଗ୍ରାହକଙ୍କ ପାଇଁ ଏହାର ଫ୍ଲାଗସିପ୍ ଇଭେଂଟ ବିଜନେସ୍ ଭାଲ୍ୟୁ ଡେଜ୍ ଆରମ୍ଭ କରିବାକୁ ଘୋଷଣା କରିଛି। ସ୍ମାର୍ଟୱାଚ୍, ହୋମ୍ ଓ ରୋଷେଇ ଉପକରଣ, ଲାପଟପ୍, ଅଫିସ୍ ଆସବାବପତ୍ର, ସିକ୍ୟୁରିଟି କ୍ୟାମେରା, ସ୍ମାର୍ଟ ଟିଭି ଆଦି ଉତ୍ପାଦ ଉପରେ ଅତୁଳନୀୟ ଡିଲ୍ ଏବଂ ଅଫର ଉପଭୋଗର ଅତିରିକ୍ତ ସୁବିଧା ବିଜନେସ ଗ୍ରାହକମାନଙ୍କୁ ଏହି କାର୍ଯ୍ୟକ୍ରମ ପ୍ରଦାନ କରିବ। ବିଜନେସ ଗ୍ରାହକମାନେ ଲାପଟପ୍,ମନିଟର, ସ୍ମାର୍ଟୱାଚ୍ ଅଫିସ ଆସବାବପତ୍ର, କ୍ଷୁଦ୍ର ଓ ବଡ଼ ଉପକରଣ, ସିକ୍ୟୁରିଟି କ୍ୟାମେରା, ଡେକୋର୍ ଏବଂ ଫର୍ନିସିଂ ପ୍ରଡକ୍ଟ, ସ୍ମାର୍ଟ ଟିଭି ଏବଂ ଅନ୍ୟାନ୍ୟ ଅଫିସ୍ ଇମ୍ପ୍ରୋଭମେଣ୍ଟ ପ୍ରଡକ୍ଟରେ ଲକ୍ଷ ଲକ୍ଷ ଉତ୍ପାଦ ଉପରେ ୭୦% ପର୍ଯ୍ୟନ୍ତ ରିହାତି ପାଇପାରିବେ। ବ୍ୟବସାୟିକ ଗ୍ରାହକମାନେ ଏହି ପ୍ରଡକ୍ଟ ଉପରେ ୯୯୯୯ ଟଙ୍କା ପର୍ଯ୍ୟନ୍ତ ୧୦% ଅତିରିକ୍ତ କ୍ୟାସବ୍ୟାକ୍ ମଧ୍ୟ ପାଇପାରିବେ।

## ଆଦିତ୍ୟ ବିର୍ଲା ଗ୍ରୁପ୍ ପକ୍ଷରୁ ବିର୍ଲା ଓପସ୍ ପେଣ୍ଟର ଶୁଭାରମ୍ଭ

ଭୁବନେଶ୍ୱର,୨୨।୬(ସମିସ): ଆଦିତ୍ୟ ବିର୍ଲା ଗ୍ରୁପ୍ ପକ୍ଷରୁ 'ବିର୍ଲା ଓପସ୍'ର ଶୁଭାରମ୍ଭ ସହିତ ପେଣ୍ଟ ଶିଳ୍ପରେ ପ୍ରବେଶ କରିଛି। ବିର୍ଲା ଓପସ୍ ସହିତ ଆଦିତ୍ୟ ବିର୍ଲା ଗ୍ରୁପ୍ ୧୦,୦୦୦ କୋଟି ଟଙ୍କାର ନିବେଶର ଏକ ଅପ୍ରତ୍ୟାଶିତ ସ୍ତର ସହ ଦ୍ରୁତ ବେଗରେ ସମ୍ପ୍ରସାରିତ ହେଉଥିବା ଭାରତୀୟ ଡେକୋରେଟିଭ ପେଣ୍ଟ ବଜାରରେ ପ୍ରବେଶ କରିଛି। ଚଳିତ ମାସରୁ ଆରମ୍ଭ ହେଉଥିବା ବିର୍ଲା ଓପସ୍ ପ୍ରଡକ୍ଟ ରେଞ୍ଜ ବର୍ତ୍ତମାନ ଦେଶବ୍ୟାପୀ ଏହାର ମଜବୁତ ଡିଲର ନେଟୱର୍କ ମାଧ୍ୟମରେ ଉପଲବ୍ଧ ହେଉଛି। ଗ୍ରାହକମାନେ ଭୁବନେଶ୍ୱରରେ ନିକଟସ୍ଥ ଡିଲରରେ ବିର୍ଲା ଓପସ୍ ପ୍ରଡକ୍ଟଗୁଡିକର ସମଗ୍ର ରେଞ୍ଜକୁ ପାଇପାରିବେ। ବିର୍ଲା ଓପସ୍ ସମସ୍ତ ବର୍ଗରେ ଏକ ବିବିଧ ପୋର୍ଟଫୋଲିଓ ଏବଂ ଇଂଟେରିୟର, ଏକ୍ସଟେରିୟର, ୱାଟରପ୍ରୁଫିଙ୍ଗ୍, ଏନାମେଲ ଫେଟ୍, ଉଡ୍ ଫିନିଶ ଓ ୱାଲପେପର୍ ଭଳି ବର୍ଗଗୁଡିକରେ ଉତ୍କୃଷ୍ଟମାନର ଉତ୍ପାଦଗୁଡିକର ଏକ ସମ୍ପୂର୍ଣ୍ଣ ରେଞ୍ଜ ପ୍ରଦାନ କରୁଛି।

## ଯୋଡାରେ ଟାଟା ଷ୍ଟିଲ ଅନ୍ତର୍ଜାତୀୟ ଯୋଗ ଦିବସ



ଭୁବନେଶ୍ୱର, ୨୨।୬(ସମିସ): ଟାଟା ଷ୍ଟିଲ ଯୋଡା ତରଫରୁ ୧୦ମ ଅନ୍ତର୍ଜାତୀୟ ଯୋଗ ଦିବସ ଯୋଡା ଠାରେ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଧନ୍ଦାମୂଳକ ପ୍ରଶିକ୍ଷଣ କେନ୍ଦ୍ର ରେ ଏକ ଯୋଗଓଭ୍ୟାସ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ଖଣ୍ଡବନ୍ଧ ଖଣି ମୁଖ୍ୟ ଜି ଭି ସତ୍ୟନାରାୟଣ, ଯୋଡା ଏବଂ ଖଣ୍ଡବନ୍ଧ ଖଣି ର ୱେଟ ପ୍ରୋସେସିଂ ମୁଖ୍ୟ ନାରାୟଣ ଶର୍ମାଓ ଙ୍କ ସମେତ କମ୍ପାନୀ ର ପ୍ରାୟ ୫୦ ଜଣ କର୍ମଚାରୀ ଯୋଗ ଦେଇ ଯୋଗ ଅଭ୍ୟାସ କରିଥିଲେ। ଯୋଗ ପ୍ରଶିକ୍ଷକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗାଭ୍ୟାସ ସହ ପ୍ରାଣାୟାମ ଏବଂ ଏହାର ଶରୀର ଉପରେ ଉପକାରିତା ସମ୍ପର୍କରେ ଆଲୋକପାତ କରାଯାଇଥିଲା ଓ ଦୈନନ୍ଦିନ ବ୍ୟସ୍ତ ବହୁଳ ଜୀବନ ମଧ୍ୟରେ ଯୋଗର ଆବଶ୍ୟକତା ସମ୍ପର୍କରେ ମଧ୍ୟ ସମସ୍ତଙ୍କୁ ସଚେତନ କରାଯାଇଥିଲା। ଯୋଗର ବିଭିନ୍ନ ମୁଦ୍ରାର ଭିନ୍ନ ଭିନ୍ନ ପ୍ରଭାବ ଶରୀର ଉପରେ ପଡୁଥିବାରୁ ଏହାର ଦୈନନ୍ଦିନ ଅଭ୍ୟାସ ଦ୍ୱାରା କିପରି ନିରୋଗ ରହିହେବ ତାହା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

### ଗ୍ରାହକ ଜିତିଲେ ରୁଚି ମସଲାର ବଡ଼ ପୁରସ୍କାର

# ଅନୁଗୋଳ ଗ୍ରାହକଙ୍କୁ କାର୍ ସହିତ ୫ଜଣଙ୍କୁ ଇ-ସ୍କୁଟର ଉପହାର

ଭୁବନେଶ୍ୱର/କଟକ, ୨୨।୬(ସମିସ): ଦୀର୍ଘ ୪୯ ବର୍ଷ ଧରି ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ କ୍ଷେତ୍ରରେ ଓଡ଼ିଶାରେ ଏକ ନମ୍ବର ମସଲା ବ୍ରାଣ୍ଡ ଭାବରେ ପରିଚିତ ରୁଚି ଫୁଡ୍‌ଲାଇନ୍ ତାର ଗ୍ରାହକମାନଙ୍କୁ ରୁଚି ଫେଷ୍ଟିଭାଲ ବୋନାଞ୍ଜା ଅଫର୍ ଯୋଜନାରେ ଗୋଟିଏ ମୂଲ୍ୟବାନ କାର୍ ଓ ୫ଟି ଇ-ସ୍କୁଟର ଉପହାର ପ୍ରଦାନ କରିଛି।

ଭୁବନେଶ୍ୱରର ଏକ ତାରକା ହୋଟେଲରେ ଆଜି ଆୟୋଜିତ ଉତ୍ସବରେ ରୁଚି ମସଲା ପକ୍ଷରୁ ଅନୁଗୋଳ ସହରରେ ଛୋଟ ଜଳଖିଆ ଦୋକାନ କରିଥିବା ସନୁ ବେହେରାଙ୍କୁ ପ୍ରଥମ ପୁରସ୍କାର ଭାବେ ମାରୁତି ସ୍ୱିଫ୍ଟ କାର୍ ଏବଂ କେନ୍ଦୁଝର ଜିଲ୍ଲା ବଡ଼ବିଲ୍‌ର ଇନ୍ଦୁମତୀ ସାହୁ, ବାଲେଶ୍ୱର ଜିଲ୍ଲା ସୋରର ତିଳୋତ୍ତମା ନାୟକ, ମୟୂରଭଞ୍ଜ ଜିଲ୍ଲା ବିଶୋଇର ବାବୁଲା ପାତ୍ର, ବ୍ରହ୍ମପୁରର ବୈଷ୍ଣବୀ ସାମନ୍ତରା, ରାୟଗଡ଼ାର ବାର୍ଥଲୋମି ସେନାପତିଙ୍କୁ ଇ-ସ୍କୁଟର ପ୍ରଦାନ କରାଯାଇଛି। ରୁଚିର ଏହି ବଡ଼ ଉପହାର ସେମାନଙ୍କ ପାଇଁ ସବୁବେଳେ ଅଭୁଲା ଓ ସ୍ମରଣୀୟ ହୋଇ ରହିବ ବୋଲି ବିଜେତାମାନେ କହିଥିଲେ। ରୁଚି ମସଲାର ୧୨ଟି ସାମଗ୍ରୀ କିଣିଥିବା ଗ୍ରାହକମାନଙ୍କ ପାଇଁ ଏହି ଅଫର୍ ଯୋଜନା ରହିଥିଲା। ଏହା ସହିତ ଗ୍ରାହକମାନଙ୍କୁ ପ୍ରତି ମାସରେ ସ୍ୱର୍ଣ୍ଣ, ରୌପ୍ୟମୁଦ୍ରା ଓ ସ୍ମାର୍ଟୱାଚ୍ ଉପହାର ମଧ୍ୟ ପ୍ରଦାନ କରାଯାଇଥିଲା।

ଓଡ଼ିଶାର ଏକ ନମ୍ବର ମସଲା ବ୍ରାଣ୍ଡ ଭାବେ ଅଶେଷ ଲୋକପ୍ରିୟତା ଅର୍ଜନ କରିଥିବା ରୁଚି ଉଦ୍ୟୋଗ ୪୯ ବର୍ଷର ଯାତ୍ରା ମଧ୍ୟରେ କୋଟିକୋଟି ଗ୍ରାହକମାନଙ୍କର




ମୋବାଇଲ୍ ଆପ୍ ଜରିଆରେ ଘରେ ବସି ଗ୍ରାହକ ପାଇବେ ରୁଚି ମସଲା

ବିଶ୍ୱସନୀୟତାକୁ ପାଥେୟ କରି ସଫଳତା ପାଇଛି ବୋଲି ଏକ ବାର୍ତ୍ତା ଜରିଆରେ କହିଥିଲେ ବିଶିଷ୍ଟ ଉଦ୍ୟୋଗୀ ତଥା 'ରୁଚି'ର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ଶରତ କୁମାର ସାହୁ। ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ କ୍ଷେତ୍ରରେ ଗ୍ରାହକମାନଙ୍କ ପାଇଁ ଓଡ଼ିଶାରେ ଏହା ଏକ ବଡ଼ ପୁରସ୍କାର ଏବଂ ଜାତୀୟସ୍ତରରେ ନିଜର ଗୁଣବତ୍ତା ଓ ସଫଳତା ପାଇଁ ରୁଚି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ବୋଲି ଅତିଥି ଭାବେ ଯୋଗଦେଇ ରୁଚିର ନିର୍ଦ୍ଦେଶିକା ରଶ୍ମି ସାହୁ, ସଲିନା ସାହୁ ଓ ରୁଚିର ନିର୍ଦ୍ଦେଶକ ଡକ୍ଟର ସୌରେନ୍ଦ୍ର କୁମାର ମହାପାତ୍ର କହିଥିଲେ। ଅନ୍ୟତମ ଅତିଥି ଭାବେ ମୁଖ୍ୟ ମହାପ୍ରବନ୍ଧକ ମହେନ୍ଦ୍ର ଷଡ଼ଙ୍ଗୀ ଏବଂ ରୁଚିର ପୁରୁଖା ବିତରକମାନେ ଯୋଗ ଦେଇଥିଲେ। ଏହି ଅବସରରେ ରୁଚିର ମାର୍କେଟିଂ ହେଡ୍ ଦେବବ୍ରତ ପଟ୍ଟନାୟକ ରୁଚି ଫୁଡ୍‌ଲାଇନ୍ ପକ୍ଷରୁ ଇ-କମର୍ସ ପ୍ଲାଟଫର୍ମ ଏବଂ ମୋବାଇଲ୍ ଆପ୍ 'ରୁଚି ଷ୍ଟୋର' କୁ ଲୋକାର୍ପିତ କରିବା ସହିତ ଏହାଦ୍ୱାରା ଗ୍ରାହକମାନେ ଦେଶର ଯେକୌଣସି ସ୍ଥାନରୁ ଅନ୍‌ଲାଇନ୍ ଜରିଆରେ ଏବଂ ମୋବାଇଲ୍ ଆପ୍ ମାଧ୍ୟମରେ ରିହାତି ମୂଲ୍ୟରେ ରୁଚିର ସମସ୍ତ ସାମଗ୍ରୀ ଘରେ ବସି ପାଇପାରିବେ ବୋଲି କହିଥିଲେ। ଏହି ପ୍ଲାଟଫର୍ମ ଜରିଆରେ ୩୦୦ ଟଙ୍କାର ସାମଗ୍ରୀ ମଗାଇଲେ ଗ୍ରାହକଙ୍କୁ କୌଣସି ବିତରଣ ଦେୟ ଦେବାକୁ ପଡ଼ିବନି।

ଉତ୍ସବରେ ସେଲସ୍ ହେଡ୍ ଦିଲ୍ଲୀପ ସାହୁ, ମାନବସମ୍ବଳ ବିଭାଗ ସହକାରୀ ମହାପ୍ରବନ୍ଧକ ଅମ୍ବରୀଶ ପଟ୍ଟନାୟକ, ବରିଷ୍ଠ ପ୍ରବନ୍ଧକ ବିଜନ ମହାନ୍ତି, ଲୋକସମ୍ପର୍କ ପ୍ରବନ୍ଧକ ଶୁଭେନ୍ଦୁ କୁମାର ଭୂୟାଁ, କ୍ୟୁସି ହେଡ୍ ଅଶୋକ କୁମାର ନାୟକ, ପ୍ରଶାସନିକ ପ୍ରବନ୍ଧକ ମୃଣାଳିନୀ ରାଉତ, ରାମଚନ୍ଦ୍ର ବେହେରା, ରୁଚିର ଉପପ୍ରବନ୍ଧକ ନ୍ୟାୟବ୍ରତ ରାଉତ, ସାଗର ରଞ୍ଜନ ବାରିକ, ଶୁଭାଶିଷ ଜେନା, ସାଇ ସମ୍ବିତା ନାୟକ, ସୋନାଲି ସାହୁ ଓ ପୂର୍ବାଶା ପ୍ରିୟଦର୍ଶିନୀ ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ। ଚଳଚ୍ଚିତ୍ର ଅଭିନେତ୍ରୀ ଲିପି ମହାପାତ୍ର, କଣ୍ଠଶିଳ୍ପୀ ସ୍ୱୟଂ ପ୍ରକାଶ ପାଢ଼ୀ ଓ ହାସ୍ୟ ଅଭିନେତା ପପୁ ପମ୍‌ପମ୍ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶୁଭମ୍ ମଞ୍ଚ ସଞ୍ଚାଳନ କରିଥିଲାବେଳେ ହ୍ୱାଇଟ କାନ୍‌ଭାସର ମୁଖ୍ୟ ଉଲ୍ଲାସ ଚନ୍ଦ୍ର ବେହୁରା ଓ ଚିଣ୍ଟୁ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ନୂଆ ରୂପରେ ଗୀତାଞ୍ଜଳି ସେଲୁନ୍




ଭୁବନେଶ୍ୱର,୨୨।୬(ଏଜେନ୍ସି): ଭାରତର ଅଗ୍ରଣୀ ହାଇ-ଷ୍ଟ୍ରିଟ୍ ବ୍ରାଣ୍ଡ, ଗୀତାଞ୍ଜଳି ସେଲୁନ୍, ପୁନର୍ବାର ନୂଆ ରୂପରେ ଖୋଲିଛି। ଏହାର ପରିଚାଳନା ନିର୍ଦ୍ଦେଶକ ତଥା ସେଲିବ୍ରିଟି ହେୟାର ଷ୍ଟାଇଲ ସୁମିତ ଇସ୍ରାନି ବିଭିନ୍ନ ଗ୍ରାହକଙ୍କୁ ଭେଟିବା ଏବଂ ସେଲିବ୍ରିଟିମାନଙ୍କ ଦ୍ୱାରା ପ୍ରିୟ ସମସ୍ତ ଅତ୍ୟାଧୁନିକ ପ୍ରତିଷ୍ଠାନ ସହିତ ତାଙ୍କର ବ୍ରାଣ୍ଡ ପାଇଁ ପ୍ରଶଂସିତ ଗୀତାଞ୍ଜଳି ସେଲୁନ ଆଜି ସମସ୍ତଙ୍କର ପ୍ରିୟ ସେଲୁନ ହୋଇପାରିଛି। ନେକ୍ସସ୍ ଏସପ୍ଲାନେଡ୍ ୱାନ୍, ଭୁବନେଶ୍ୱରଠାରେ ୪୦୦୦ ବର୍ଗଫୁଟ ସହିତ ନୂତନ ଆଭ୍ୟନ୍ତରୀଣ ସହିତ ସେଲୁନର ସମ୍ପ୍ରସାରଣ ଏବଂ ଶୁଭାରମ୍ଭ ପାଇଁ ଆନନ୍ଦିତ। ବିଗତ ୩ ଦଶନ୍ଧି ମଧ୍ୟରେ ଗୀତାଞ୍ଜଳି ସେଲୁନ୍ ବୃତ୍ତିଗତ କେଶ ଯତ୍ନ ଏବଂ ସୌନ୍ଦର୍ଯ୍ୟ ସ୍ଥାନରେ ସର୍ବଦା ଏକ ଅଗ୍ରଣୀ ଭୂମିକା ନେଇଛି। ଆମେ ଭାରତର ସର୍ବୋତ୍ତମ ହାଇ ଷ୍ଟ୍ରିଟ୍ ସେଲୁନ୍ ଭାବରେ ଅତୁଳନୀୟ ସେବା ପ୍ରଦାନ କରି ସର୍ବଶ୍ରେଷ୍ଠ ସ୍ଥାନ ଜାରି ରଖୁଛୁ ଏବଂ ଭୁବନେଶ୍ୱରର ଅଧିକ ସ୍ଥାନ ସହିତ ଆମର ଶାଖା ଶୀଘ୍ର ବିସ୍ତାର କରିବୁ। ଗୀତାଞ୍ଜଳି ସେଲୁନ୍ ଗ୍ରାହକମାନଙ୍କ ପାଇଁ କଷ୍ଟମାଇଜେସନ୍ ଏବଂ ବ୍ୟକ୍ତିଗତକରଣରେ ବିଶ୍ୱାସ କରୁ ଏବଂ ସେମାନଙ୍କୁ ସେବା ଏବଂ ଉତ୍ପାଦର ସର୍ବୋତ୍ତମ ଅଫର ପ୍ରଦାନ କରୁଥିବା ସେ କହିଛନ୍ତି।

# ବଫର୍ ଷ୍ଟକ୍ ପାଇଁ କେନ୍ଦ୍ର କିଣିଲା ୭୧,୦୦୦ ଟନ୍ ପିଆଜ

ନୂଆଦିଲ୍ଲୀ,୨୨।୬(ଏଜେନ୍ସି)

ପିଆଜ ଦର ବୃଦ୍ଧିରୁ ଖାଉଟିଙ୍କୁ ମିଳିବ ଆଶ୍ୱସ୍ତି। ଘରୋଇ ବଜାରରେ ଦର ନିୟନ୍ତ୍ରଣ ପାଇଁ ପାଞ୍ଚ ଲକ୍ଷ ଟନ୍ ପିଆଜ କ୍ରୟ କରିଛନ୍ତି କେନ୍ଦ୍ର ସରକାର। ମୋଟ ଲକ୍ଷ୍ୟରୁ ବଫର ଷ୍ଟକ୍ ପାଇଁ ସରକାର ଚଳିତ ବର୍ଷ ପ୍ରାୟ ୭୧,୦୦୦ ଟନ୍ ପିଆଜ କିଣିଛନ୍ତି। ଏହା ଜରିଆରେ ଖୁଚୁରା ବଜାରରେ ପିଆଜ ମୂଲ୍ୟ ହ୍ରାସ ପାଇବ ବୋଲି ସରକାର ଆଶା କରୁଛନ୍ତି। କେନ୍ଦ୍ର ଉପଭୋକ୍ତା ବ୍ୟାପାର ବିଭାଗ ପ୍ରଦତ୍ତ ତଥ୍ୟ ଅନୁଯାୟୀ ଶୁକ୍ରବାର ଦେଶରେ ପିଆଜର ହାରାହାରି ଖୁଚୁରା ମୂଲ୍ୟ ୩୮.୬୭ ଟଙ୍କା ରହିଥିବାବେଳେ ଉଚ୍ଚମାନର ପିଆଜର ମୂଲ୍ୟ କିଲୋଗ୍ରାମ ପିଛା ୪୦ ଟଙ୍କା ରହିଛି।

ଉପଭୋକ୍ତା ବ୍ୟାପାର ବିଭାଗ କହିଛି ଯେ, ଜୁନ୍ ୨୦ ପର୍ଯ୍ୟନ୍ତ କେନ୍ଦ୍ରସରକାର ୭୦,୯୮୭ ଟନ୍ ପିଆଜ କ୍ରୟ କରିଥିବାବେଳେ ଗତ ବର୍ଷ ସମାନ ଅବଧିରେ ୭୪,୦୭୧ ଟନ୍ ପିଆଜ କିଣିଥିଲେ। ଚଳିତ ବର୍ଷ ରବି ଋତୁରେ ଉତ୍ପାଦନରେ ପ୍ରାୟ ୨୦ ପ୍ରତିଶତ ହ୍ରାସ ସତ୍ତ୍ୱେ ମୂଲ୍ୟ ସ୍ଥିରତା ବଫର ପାଇଁ ପିଆଜ



### ଦର ବୃଦ୍ଧିରୁ ମିଳିବ ଆଶ୍ୱସ୍ତି !

କ୍ରୟ ଗତ ବର୍ଷର ସମାନସ୍ତରରେ ରହିଛି। ମୂଲ୍ୟ ସ୍ଥିରତା ପାଇଁ ପାଞ୍ଚ ଲକ୍ଷ ଟନ୍ କ୍ରୟ ଲକ୍ଷ୍ୟ ହାସଲ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ପିଆଜ ମୂଲ୍ୟରେ ବୃଦ୍ଧି ପୂର୍ବ ବର୍ଷ ତୁଳନାରେ ଖରିଫ, ବିଳମ୍ବ ଖରିଫ ଏବଂ ରବିରେ ଉତ୍ପାଦନ ବୃଦ୍ଧି ଯୋଗୁ ହୋଇଛି। ଦେଶର ପ୍ରମୁଖ ଅଞ୍ଚଳଗୁଡିକରେ ବର୍ଷାରେ ୨୦ ପ୍ରତିଶତ ହାସ ଯୋଗୁ ପିଆଜ ଦର ବୃଦ୍ଧି ହୋଇଛି।

ପିଆଜ ମୂଲ୍ୟକୁ ନିୟନ୍ତ୍ରଣରେ ରଖିବା ପାଇଁ କେନ୍ଦ୍ର ସରକାର ଅନେକ ପଦକ୍ଷେପ ଗ୍ରହଣ କରିଥିଲେ। ମୂଲ୍ୟକୁ ନିୟନ୍ତ୍ରଣ କରିବା ପାଇଁ ସରକାର ଗତ ବର୍ଷ ଅଗଷ୍ଟରୁ ୪୦ ପ୍ରତିଶତ ରପ୍ତାନି ଶୁଳ୍କ ଲାଗୁ କରିବା ସହିତ ଅନେକ ପ୍ରତିଷେଧକ ପଦକ୍ଷେପ ଗ୍ରହଣ କରିଛନ୍ତି। ଅକ୍ଟୋବର ୨୦୨୩ରେ ସର୍ବନିମ୍ନ ରପ୍ତାନି ମୂଲ୍ୟ (ଏମଇପି) ଟନ୍ ପିଛା ୮୦୦ ଡଲାରରେ ସ୍ଥିର କରାଯାଇଥିଲା। ୮ ଡିସେମ୍ବର ୨୦୨୩ରୁ ରପ୍ତାନି ସମ୍ପୂର୍ଣ୍ଣ ନିଷେଧ କରାଯାଇଥିଲା। ଚଳିତବର୍ଷ ଦେଶରେ ଭୀଷଣ ଗ୍ରୀଷ୍ମ ପ୍ରବାହ ଯୋଗୁ ପନିପରିବା ଉତ୍ପାଦନ ପ୍ରଭାବିତ ହୋଇଥିଲା। ଦେଶର ବହୁ ଅଞ୍ଚଳରେ ଦୀର୍ଘ ସମୟ ଧରି ଉତ୍ତାପ ଲହର ଯୋଗୁ ସବୁଜ ପନିପରିବା ଉତ୍ପାଦନ ପ୍ରଭାବିତ ହୋଇଛି। ଟମାଟୋ, ଆଳୁ ଏବଂ ପିଆଜ ସମେତ ଅନ୍ୟାନ୍ୟ ପନିପରିବା ଦର ବୃଦ୍ଧି ପାଇଛି। ମୌସୁମୀ ଆରମ୍ଭ ହେବା ସହିତ ଦେଶର ଅଧିକାଂଶ ଅଞ୍ଚଳରେ ପରିସ୍ଥିତିରେ ସୁଧାର ଆସିବ ବୋଲି ଉପଭୋକ୍ତା ବ୍ୟାପାର ବିଭାଗ କହିଛି।

